32 YEARS
ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
# ସମ୍ବାଦ କଳିକା
The Sambad Kalika
E-mail: sambadkalikanews@gmail.com
e-paper www.sambadkalika.in
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
NS-EN ISO 9001:2008
The Only ISO Certified Odiya Newspaper
କର୍ମଣ୍ୟେ ବାଧିକାରସ୍ତେ ମା' ଫଳେଷୁ କଦାଚନ
ଆଠ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00
● ବର୍ଷ–୩୩ ● ସଂଖ୍ୟା–୨୬୦ ● ୧୯ ଅକ୍ଟୋବର ୨୦୨୬ ସୋମବାର ● ଭୁବନେଶ୍ୱର ● Vol -33 ● Issue-260 ● 19th October 2026, Monday ● Bhubaneswar RNI Regd.No. : 52640/94 Postal Regd.No. : BN-60/25-27

## ରାଜଧାନୀର ବିଭିନ୍ନ ମଣ୍ଡପରେ ପୂଜା ପାଉଛନ୍ତି ମା' ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି


ସହିଦ ନଗର


ନୟାପଲ୍ଲୀ


ରସୁଲଗଡ


ବମିଖାଲ

### ଶୁଭେଚ୍ଛା

ପବିତ୍ର ଶାରଦୀୟ ଦୁର୍ଗାପୂଜା ଅବସରରେ 'ସମ୍ବାଦ କଳିକା'ର ପାଠକ-ପାଠିକା, ଶୁଭେଚ୍ଛୁ ଓ ବିଜ୍ଞାପନଦାତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ।

ପରିଚାଳକ

### ଛୁଟି ଘୋଷଣା

ପବିତ୍ର ଶାରଦୀୟ ଦୁର୍ଗାପୂଜା ଅବସରରେ 'ସମ୍ବାଦ କଳିକା'ର କାର୍ଯ୍ୟାଳୟ ତା ୧୯.୧୦.୨୦୨୬ଓ ୨୦.୧୦.୨୦୨୬ ରିଖ ବନ୍ଦ ରହୁଥିବାରୁ ଏହାର ପରବର୍ତ୍ତୀ ସଂସ୍କରଣ ୨୧.୧୦.୨୦୨୬ ସନ୍ଧ୍ୟାରେ ପ୍ରକାଶ ପାଇବ ।

ପରିଚାଳକ

### ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୭୬୬ (+୦)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୩,୫୧୫ (+୦)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୦୭୪ (+୦)

### ରୁପା ଦର

ରୂପା – ପ୍ରତି ଗ୍ରାମ ୨୩୦ (+୦)

### ଚାନ୍ଦି ମେଢ଼ରୁ ସୁନା ମେଢ଼

# ୬୦ କିଲୋ ସୁନାରେ ଝଲସୁଛନ୍ତି ଚୌଧୁରୀ ବଜାରର ମା' ଦୁର୍ଗା

**କଟକ, ୧୮।୧୦ : ନ୍ୟୁଜ୍ ବ୍ୟୁରୋ**

ସୁନାର ଚମକରେ ଝଲସୁଛି କଟକର ଦୁର୍ଗାପୂଜା। ମା'ଙ୍କ ମୁଖମଣ୍ଡଳରେ ହସ, ଦେହସାରା ସୁନାର ଆଭୂଷଣ ଏବଂ ମେଢ଼ରେ ସୁନାର କାରୁକାର୍ଯ୍ୟ ଭକ୍ତଙ୍କୁ ଆକର୍ଷିତ କରୁଛି। ଚୌଧୁରୀ ବଜାର ପୂଜା ମଣ୍ଡପରେ ପ୍ରାୟ ୬୦ କିଲୋ ସୁନାରେ ମା' ଦୁର୍ଗା ଓ ପାର୍ଶ୍ୱ ଦେବାଦେବୀଙ୍କୁ ସଜ୍ଜିତ କରାଯାଇଥିବା ବେଳେ ମେଢ଼ର ୧୧ଟି କଳିକାରେ ମଧ୍ୟ ସୁନାର ଆବରଣ ଦିଆଯାଇଛି। ଏହି ଆକର୍ଷଣୀୟ ସାଜସଜ୍ଜା ଚୌଧୁରୀ ବଜାରର ଦୁର୍ଗାପୂଜାକୁ ସ୍ୱତନ୍ତ୍ର ପରିଚୟ ଦେଇଛି। କଟକର ଦୁର୍ଗାପୂଜା କହିଲେ ଚାନ୍ଦି ମେଢ଼ ଓ ସୁନାର ଅଳଙ୍କାର



କଥା ମନକୁ ଆସେ। ସହରର ତାରକସି କାରୁକାର୍ଯ୍ୟର ସମୃଦ୍ଧ ପରମ୍ପରା ଏହି ପୂଜାକୁ ଆହୁରି ଆକର୍ଷଣୀୟ କରିଥାଏ।ଏହି ପରମ୍ପରାକୁ ଆଗକୁ ନେଇ ଚୌଧୁରୀ ବଜାର ପୂଜା କମିଟି ୧୯୫୬ ମସିହାରେ ପ୍ରଥମେ ମା'ଙ୍କ ପାଇଁ ଚାନ୍ଦି ମେଢ଼ ନିର୍ମାଣ କରିଥିଲା। ପରବର୍ତ୍ତୀ ସମୟରେ ମା'ଙ୍କ ପାଇଁ ପର୍ଯ୍ୟାୟକ୍ରମେ ସୁନାର ଅଳଙ୍କାର ତିଆରି କରାଯିବା ସହ ମେଢ଼ର କିଛି ଅଂଶକୁ ମଧ୍ୟ ସୁନାରେ ସଜ୍ଜିତ କରାଯାଇଥିଲା। ଏହିପରି ଭାବେ ଚାନ୍ଦି ମେଢ଼ରୁ ସୁନା ମେଢ଼ ଆଡ଼କୁ ଅଗ୍ରସର ହୋଇଛି ଚୌଧୁରୀ ବଜାରର ଦୁର୍ଗାପୂଜା ପରମ୍ପରା। ପ୍ରାରମ୍ଭରେ ପ୍ରାୟ ୨.୫ କ୍ୱିଣ୍ଟାଲ ଚାନ୍ଦିରେ ମେଢ଼ (ପୃଷ୍ଠା ୭ରେ)

# ଶ୍ରମିକଙ୍କ ଉପରେ ଚଢ଼ିଗଲା ଅନିୟନ୍ତ୍ରିତ କାର୍ : ୯ ମୃତ

**ଚଣ୍ଡିଗଡ, ୧୮।୧୦**

ପଞ୍ଜାବର ସଙ୍ଗରୁର ଜିଲ୍ଲାରେ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି। ଏଠାରେ ଏକ ଦ୍ରୁତଗାମୀ କାର୍ ନିୟନ୍ତ୍ରଣ ହରାଇଛି। ଫଳରେ କାର୍‌ଟି ମନେରେଗା ଶ୍ରମିକଙ୍କ ଉପରେ ଚଢ଼ି ଯାଇଛି। ଦୁର୍ଘଟଣା କାରଣରୁ ୯ ଜଣ ଶ୍ରମିକଙ୍କର ମୃତ୍ୟୁ ଘଟିଥିଲା ବେଳେ ଅନ୍ୟ କିଛି ଲୋକ ଆହତ ଅଛନ୍ତି। କୁହାଯାଉଛି ଯେ, ଯେତେବେଳେ କାର୍‌ଟି ଅନିୟନ୍ତ୍ରିତ ହୋଇ ଯାଉଥିଲା, ସେହି ସମୟରେ ପାଖାପାଖି ୨୩ ଜଣ ଶ୍ରମିକ ଲହରାଗାଗା–ଜାଖଲ ରୋଡ୍‌ରେ କାମ କରୁଥିଲେ। ଦୁର୍ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଆହତ ଶ୍ରମିକମାନଙ୍କର ଚିକିତ୍ସା ପାଇଁ ଡାକ୍ତର–ଖାନାରେ ଭର୍ତ୍ତି କରାଯାଇଛି। ସ୍ଥାନୀୟ ଲୋକେ ଦୁର୍ଘଟଣା ପରେ ପୁଲିସ ସହାୟତା ଏବଂ ଆମ୍ବୁଲାନ୍ସ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇଛନ୍ତି।

ପୁଲିସ କହିଛି ଯେ, ରବିବାର ଦିନ ପଞ୍ଜାବର ସଙ୍ଗରୁର ଜିଲ୍ଲାରେ ଲହରାଗାଗ–ଜାଖଲ ରୋଡ୍ ଉପରେ ଏକ କାର୍ ନିୟନ୍ତ୍ରଣ ହରାଇଥିଲା। ଏହି ଦୁର୍ଘଟଣାର ଶିକାର ହୋଇଥିବା ମନରେଗା ଶ୍ରମିକମାନେ ଘଟଣା ସମୟରେ ସଡ଼କପାର୍ଶ୍ୱରେ ବସିଥିଲେ। କିଛି ଲୋକ କାମ ଜାରି ରଖିଥିଲେ। ସେହି ସମୟରେ କାର୍‌ଟି ମାଡ଼ି ଆସିଥିଲା। ଲହରାଗାଗ ପୁଲିସ ଷ୍ଟେସନର ଏସଏଚଓ ଇନ୍ସପେକ୍ଟର ଜସକରଣ ସିଂହ କହିଛନ୍ତି, ଦୁର୍ଘଟଣାରେ ୯ ଜଣଙ୍କର ମୃତ୍ୟୁ ଘଟିଛି। ପଞ୍ଜାବ କ୍ୟାବିନେଟ୍ ମନ୍ତ୍ରୀ ବରିନ୍ଦର କୁମାର ଗୋୟଲ ଏହି ଘଟଣା ନେଇ (ପୃଷ୍ଠା ୭ରେ)

# ଫ୍ରାନ୍ସରେ ହିଂସାର ତାଣ୍ଡବ : ଦରବୃଦ୍ଧି ବିରୋଧୀ ଆନ୍ଦୋଳନ ନେଲା ଉଗ୍ରରୂପ

**ପ୍ୟାରିସ୍, ୧୮।୧୦**

ରାସ୍ତାରେ ଜଳୁଛି ନିଆଁ, ଛିନ୍ନଛତ୍ର ଦୋକାନ ବଜାର ଓ ଚାରିଆଡ଼େ ଅଳିଆ ଆବର୍ଜନା। ଦରବୃଦ୍ଧି, ସ୍କୁଲର ଦୁରବସ୍ଥା ଓ ସରକାରୀ ବ୍ୟବସ୍ଥାକୁ ନେଇ ହୋଇଥିବା ପ୍ରତିବାଦ ଏବେ ହିଂସାର ରୂପ ନେଇଛି। ମାର୍ସେଇ, ପ୍ୟାରିସ୍, ଲିଓନ୍, ଲିଲ୍ ଓ ବୋର୍ଡୋ ସମେତ ଅନେକ ସହରରେ (ପୃଷ୍ଠା ୭ରେ)

# କୋଲକାତା ଦଳାଚକଟା : ଓଡ଼ିଶାରେ ପୂଜା କମିଟିମାନଙ୍କୁ ସିପିଙ୍କ ତାଗିଦ

**ଭୁବନେଶ୍ୱର, ୧୮।୧୦**
**ନ୍ୟୁଜ୍ ବ୍ୟୁରୋ**

କୋଲକାତା ଟ୍ରାଜେଡି ପରେ ଓଡ଼ିଶାରେ ଚିନ୍ତା। ପୂଜା ମଣ୍ଡପ କେତେ ସୁରକ୍ଷିତ ସେ ନେଇ ଜୋର ଧରିଛି ଚର୍ଚ୍ଚା। ସେଥିପାଇଁ ମଣ୍ଡପ ଭିତରେ ଓ ବାହାର ସୁରକ୍ଷା ଏବେ ଓଡ଼ିଶା ପୋଲିସର ପ୍ରାଥମିକତା। ଡିଜିପିଙ୍କ ଅଧ୍ୟକ୍ଷତାରେ ଗୁରୁତ୍ୱପୂର୍ଣ୍ଣ ବୈଠକ। କମିଶନରଙ୍କ ତାଗିଦ୍। ପୂଜା କମିଟି ସଦସ୍ୟ ନିୟମ ନମାନିଲେ, କାହାରିକୁ ଛଡ଼ାଯିବନି ।

କୋଲକତା ଚୋର୍ ବାଗାନ ସାର୍ବଜନୀନ ଦୁର୍ଗାପୂଜା ମଣ୍ଡପରେ ଦଳା ଚକଟାରେ ୧୯ ଜୀବନ ଯିବା ଘଟଣା ସାରା ଦେଶରେ ଶୋକର ଛାୟା ଖେଳାଇ ଦେଇଛି । ପଡ଼ୋଶୀ ରାଜ୍ୟରେ ଅଘଟଣ ଘଟିବା ପରେ ଓଡ଼ିଶାରେ ଏବେ ବଢ଼ିଛି ଚିନ୍ତା। ଟୁଇନ୍-ସିଟି କଟକ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଶହ ଶହ ପୂଜା ମଣ୍ଡପରେ ମାଆ ପୂଜା ପାଉଥିବାରୁ ସଜାଗ ହୋଇଛି ପ୍ରଶାସନ। ସୁରକ୍ଷାକୁ ଦୃଷ୍ଟିରେ ରଖି ବରିଷ୍ଠ ପୋଲିସ ଅଧିକାରୀଙ୍କ ସହ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଛନ୍ତି ପୋଲିସ ଡିଜି। ଭିଡ଼ ନିୟନ୍ତ୍ରଣ ପାଇଁ ବ୍ୟାପକ ପୋଲିସ ଫୋର୍ସ ମୁତୟନ ଥିବା ବେଳେ ଅଗ୍ନିଶମ, (ପୃଷ୍ଠା ୭ରେ)

# ନୂତନ ରାଜ୍ୟପାଳ ଭାବେ ଶପଥ ନେଲେ ବ୍ରଜମୋହନ ରାମ



**ଭୁବନେଶ୍ୱର, ୧୮।୧୦**
**ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାର ନୂଆ ରାଜ୍ୟପାଳ ଭାବେ ବ୍ରଜମୋହନ ରାମ ଶପଥ ଗ୍ରହଣ କରିଛନ୍ତି। ପୂର୍ବାହ୍ନ ୧୧ଟାରେ ଭୁବନେଶ୍ୱରସ୍ଥିତ ଲୋକଭବନର ନବନିର୍ମିତ ଅଭିଷେକ ହଲ୍‌ରେ ଆୟୋଜିତ ସ୍ୱତନ୍ତ୍ର ଶପଥ ଗ୍ରହଣ ସମାରୋହରେ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ ଟଣ୍ଡନ ନୂଆ ରାଜ୍ୟପାଳଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ଏହି ଶପଥ ଗ୍ରହଣ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମନ୍ତ୍ରୀପରିଷଦର ସଦସ୍ୟ, ସାଂସଦ, ବିଧାୟକ ଏବଂ ବରିଷ୍ଠ ପ୍ରଶାସନିକ ଓ ପୁଲିସ ଅଧିକାରୀଙ୍କ ସମେତ ବହୁ ବିଶିଷ୍ଟ ଅତିଥି ଯୋଗ ଦେଇଥିଲେ। ବିଧାନ (ପୃଷ୍ଠା ୭ରେ)




# ବାଲିଯାତ୍ରା ପଡ଼ିଆରେ ନାବାଳକଙ୍କୁ ହତ୍ୟା

**କଟକ, ୧୮।୧୦ : ନ୍ୟୁଜ୍ ବ୍ୟୁରୋ**

କଟକର ବାଲିଯାତ୍ରା ତଳ ପଡ଼ିଆ ନଦୀପଠାରେ ଜଣେ ନାବାଳକଙ୍କୁ ନିର୍ମମ ହତ୍ୟା ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଛି। ମୃତ ନାବାଳକଙ୍କ ଘର କଟକ ଜିଲ୍ଲାର ବାଙ୍କୀ ଅଞ୍ଚଳରେ ହୋଇଥିବା ବେଳେ ସେ କଟକ ସହରର ରାଜା ବଗିଚା ଅଞ୍ଚଳରେ ଏକ ଭଡ଼ା ଘରେ ରହୁଥିଲେ। ତାଙ୍କୁ ଛୁରାମାଡ଼ କରି ହତ୍ୟା କରାଯାଇଥିବା ସନ୍ଦେହ ହେଉଥିବା ବେଳେ ଘଟଣାସ୍ଥଳଠାରୁ ପ୍ରାୟ ୧୦୦ ମିଟର ପର୍ଯ୍ୟନ୍ତ ରକ୍ତଛିଟା ପଡ଼ିଥିବା ଜଣାପଡ଼ିଛି। ପୁଲିସର ପ୍ରାଥମିକ ଅନୁମାନ ଅନୁଯାୟୀ, ନାବାଳକଙ୍କୁ ନଦୀପଠାକୁ ଡାକି ନେଇ ଏକାଧିକ ବ୍ୟକ୍ତି ମିଳିତ ଭାବେ ହତ୍ୟା କରିଥାଇପାରନ୍ତି। ଘଟଣା ସମ୍ପର୍କରେ ମୃତକଙ୍କ ପରିବାରକୁ ପୁଲିସ ଅବଗତ କରାଇଛି। ଫୋରେନସିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ପ୍ରମାଣ ସଂଗ୍ରହ କରିଥିବା ବେଳେ କଟକ ସ୍ପେଶାଲ ସ୍କ୍ୱାଡ୍‌ର ଏସିପି ଓ (ପୃଷ୍ଠା ୭ରେ)

# ଧନୀ ଦେଶଙ୍କ ସହ ସମକକ୍ଷ ହେଉଛି ଭାରତ



**ନୂଆଦିଲ୍ଲୀ, ୧୮।୧୦**

ଭାରତୀୟ ଅର୍ଥନୀତି ପାଇଁ ଆସିଛି ଖୁସି ଖବର। ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି ଏବଂ ବିଶ୍ୱ ବ୍ୟାଙ୍କ ସମେତ ବିଭିନ୍ନ ସଂସ୍ଥା ଭାରତର ଅର୍ଥନୈତିକ ଅଭିବୃଦ୍ଧିକୁ ନେଇ ସକାରାତ୍ମକ ଆକଳନ କରୁଥିବା ବେଳେ ଏବେ ଦକ୍ଷିଣ କୋରିଆର ଜଣେ ଅର୍ଥନୀତିଜ୍ଞ ଭାରତର ପ୍ରଗତିକୁ ପ୍ରଶଂସା କରିଛନ୍ତି। ଭାରତର ମୁଣ୍ଡପିଛା ଆୟ ବଢ଼ିବା ସହ ଧନୀ ଦେଶଗୁଡ଼ିକ ସହ ଆୟର ବ୍ୟବଧାନ ଧୀରେ ଧୀରେ କମୁଥିବା ସେ କହିଛନ୍ତି। ଏଥିସହ ଦେଶରେ ଦାରିଦ୍ର୍ୟ ହ୍ରାସର ଚିତ୍ର ମଧ୍ୟ ସାମ୍ନାକୁ ଆଣିଛନ୍ତି।

କୋରିଆ ଇନଷ୍ଟିଚ୍ୟୁଟ୍ ଫର୍ ଇଣ୍ଟରନ୍ୟାସନାଲ୍ ଇକୋନୋମିକ୍ ପଲିସି ର ଭାରତ ଓ ଦକ୍ଷିଣ ଏସିଆ ଟିମ୍‌ର ମୁଖ୍ୟ କ୍ୟୁଙ୍ଗହୁନ୍ କିମ୍‌ଙ୍କ ଅନୁସାରେ, କୌଣସି ଦେଶର ପ୍ରଗତିକୁ କେବଳ ସେହି ଦେଶ କେତେ ଧନୀ କିମ୍ବା ଗରିବ ତାହା ଆଧାରରେ ମାପିବା ଉଚିତ୍ ନୁହେଁ। ବରଂ ଲୋକଙ୍କ ଜୀବନଧାରଣର ମାନ କେତେ ଦ୍ରୁତ ଗତିରେ ସୁଧୁରୁଛି, ତାହା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ସୋସିଆଲ୍ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକାଧିକ ପୋଷ୍ଟ କରି ସେ ଏହି ତଥ୍ୟ ଉପସ୍ଥାପନ କରିଛନ୍ତି।

15001/120/2627



ପବିତ୍ର ବିଜୟା ଦଶମୀ ଅବସରରେ
ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ବିଜୟା ଦଶମୀ ଅବସରରେ ମୁଁ ରାଜ୍ୟବାସୀଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି ।

ବିଜୟା ଦଶମୀ ହେଉଛି ଅସତ୍ୟ ଉପରେ ସତ୍ୟର, ଅନ୍ୟାୟ ଉପରେ ନ୍ୟାୟର ଏବଂ ଅଶାନ୍ତି ଉପରେ ଶାନ୍ତିର ବିଜୟ ପ୍ରତୀକ । ପ୍ରତ୍ୟେକ ବ୍ୟକ୍ତି ନିଜ ଜୀବନରେ ତଥା ସମାଜରେ ସତ୍ୟ , ନ୍ୟାୟ ଏବଂ ଶାନ୍ତି ପ୍ରତିଷ୍ଠା ଦିଗରେ ନିଷ୍ଠାପର ଭାବେ କାର୍ଯ୍ୟ କରିବାକୁ ଆହ୍ୱାନ ଜଣାଉଛି ।

( ବ୍ରଜମୋହନ ରାମ )

OIPR : 15001/15001/2/26-27/0119





# ଷୋଳପୁଅ ମା' ଠାକୁରାଣୀଙ୍କ ବାର୍ଷିକୋତ୍ସବ



**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ଚୌଦ୍ୱାର ପୌରପାଳିକା ୯ନମ୍ବର ୱାର୍ଡ଼ ଅଧିନ ଟେକ୍ନିକାଲ କଲୋନୀରେତେଲୁଗୁ ସମ୍ପ୍ରଦାୟର ଆରାଧ୍ୟା ଷୋଳପୁଅ ମା' ଠାକୁରାଣୀଙ୍କ ବାର୍ଷିକୋତ୍ସବ ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି । କଲୋନୀର ଜୟଦୁର୍ଗା ଯୁବକ ସଂଘ ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବରେ ସ୍ଥାନୀୟ ବାସିନ୍ଦାମାନେ ମଙ୍ଗଳବାର ସକାଳେ ପବିତ୍ର ବିରୂପା କୂଳକୁ ଯାଇ ମା'ଙ୍କ ଘଟ ସ୍ଥାପନ କରି ପୂଜାର୍ଚ୍ଚନା କରିବା ପରେ ମା' ଙ୍କୁ ନିମନ୍ତ୍ରଣ କରି ବାଜା ଓ ରୋଷଣି କରି ଶୋଭାଯାତ୍ରାରେ ନିଜ ସାହିକୁ ଆଣିଥିଲେ । ସାରାଦିନ ବ୍ୟାପି ମାଙ୍କ ପୂଜାର୍ଚ୍ଚନା ପରେ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ ମା' ଙ୍କୁ ସାହି ପରିକ୍ରମା କରାଇ ସାହିସ୍ଥିତ ସୋଲାପୁରି ମନ୍ଦିରରେ ମା'ଙ୍କ ଘଟକୁ ବିଦାୟ ଦେଇଥିଲେ। ଶୋଭାଯାତ୍ରାରେ ମା' କାଳୀଙ୍କ ନୃତ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିଲା । ଏହି କାର୍ଯ୍ୟକ୍ରମରେ ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, କାଉନସିଲର ସୁବ୍ରତ ସାମଲ, ରାଜେନ୍ଦ୍ର ମହାରଣା ପ୍ରମୁଖ ଅତିଥି ଭାବେ ଯୋଗଦେଇ ସାହି ବାସିନ୍ଦା ମାନଙ୍କୁ ଉତ୍ସାହିତ କରିଥିଲେ । ସୂଚନାଯୋଗ୍ୟଯେ ଟେକ୍ନିକାଲ କଲୋନୀରେ ବସବାସ କରୁଥିବା ତେଲୁଗୁ ଲୋକେ ଆଜକୁ ଦୀର୍ଘ ୯୦ବର୍ଷ ଧରି ଏହି ଉତ୍ସବ ଆୟୋଜନ କରିଆସୁଛନ୍ତି । ବିଶ୍ୱାସ ରହିଛିଯେ ମା'ଙ୍କୁ ପୂଜା କଲେ ସାହି ଓ ସାହି ବାସିନ୍ଦାଙ୍କ ପ୍ରତି କୌଣସି ବିପଦ ଆସେନାହିଁ । ଯୁବକ ସଂଘର ସଭାପତି ଜାମି ତ୍ରିନାଥ ଓ ସମ୍ପାଦକ ଜେ. ଧର୍ମରାଜଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜେ. ରାମକ୍ରିଷ୍ଣା,ରବୀନ୍ଦ୍ର କୁମାର ପାଣ୍ଡେ,ବି. ଶଂକର ରାଓ, ତପନ ନାୟକ, ଡି.ରାଜୁ, ଲିଙ୍ଗରାଜ ଚୌଧୁରୀ, ବି. ବାବୁଲା, ବି. ନିଳକଣ୍ଠ, ଧୀର ପ୍ରଧାନ, ଜି. ବବୁଲୁ, କେ. କ୍ରିଷ୍ଣା, ବି. ଚିନ୍ନାରାଓ, ବି. ୟମନା ରେଡ୍ଡି ପ୍ରମୁଖଙ୍କ ସମେତ ଯୁବକ ସଂଘର ସମସ୍ତ କର୍ମକର୍ତ୍ତା ଓ ଗ୍ରାମର ସମସ୍ତ ମହିଳା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ମା' ବିରଜାଙ୍କ ମହାଷ୍ଟମୀ ପୂଜାରେ ସହସ୍ରାଧିକ ଭକ୍ତଙ୍କ ସମାଗମ

**ଯାଜପୁର, ନ୍ୟୁଜ ବ୍ୟୁରୋ**

ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା'ବିରଜାଙ୍କ ପାର୍ବଣ ଉତ୍ସବ ଓ ରଥଯାତ୍ରା ଅବସରରେ ମା' ବିରଜାଙ୍କ ମହାଷ୍ଟମୀ ଉପଲକ୍ଷେ ଯାଜପୁର ଜିଲ୍ଲା ତଥା ରାଜ୍ୟ ଓ ଦେଶର ବିଭିନ୍ନ ପ୍ରାନ୍ତରୁ ହଜାର ହଜାର ଭକ୍ତ ଓ ଶ୍ରଦ୍ଧାଳୁ ସମବେତ ହୋଇ ସକାଳୁ ଦିବସ ବ୍ୟାପି ମା'ଙ୍କ ପବିତ୍ର ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଛନ୍ତି। ବିଭିନ୍ନ ରୀତିନୀତିରେ ମା'ଙ୍କ ପୂଜାର୍ଚ୍ଚନା କରାଯିବା ସହ ବିଶେଷ ପୂଜା ଅନୁଷ୍ଠିତ ହୋଇଥିଲା। ଏହା ପରେ ଅପରାହ୍ନରେ ମା'ଙ୍କର ସିଂହଧ୍ୱଜ ରଥକୁ ଭକ୍ତ ଓ ଶ୍ରଦ୍ଧାଳୁମାନେ ଆନନ୍ଦର ସହିତ ଟାଣିଥିଲେ। ଏହି ପବିତ୍ର ମହାଷ୍ଟମୀ ପାଇଁ ମା' ବିରାଜଙ୍କ ଟ୍ରଷ୍ଟ ବୋର୍ଡର ମ୍ୟାନେଜିଂ ଟ୍ରଷ୍ଟି ତଥା ଉପ ଜିଲ୍ଲାପାଳ ତାପସ ରଂଜନ ଦେହୁରୀ ଓ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ, ମନ୍ଦିର କାର୍ଯ୍ୟାଳୟର କର୍ମଚାରୀ ମଳୟ କୁମାର ପଣ୍ଡା, ମା'ଙ୍କର ବରିଷ୍ଠ ସେବାୟତ ଦେବୀ ପ୍ରସାଦ ପାଣି ଓ ଅନ୍ୟ ସେବାୟତମାନେ ମା'ଙ୍କ ଉତ୍ସବର ସୁପରିଚଳନା କରିଥିଲେ। ଯାଜପୁର ପୋଲିସ ପକ୍ଷରୁ ଭକ୍ତମାନଙ୍କର ମା'ଙ୍କୁ ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାପକ ସୁବନ୍ଦୋବସ୍ତ କରାଯାଇଥିଲା।



# ସ୍ୱର୍ଗତ ପ୍ରଫୁଲ୍ଲ କୁମାର ବୋଇତାଇ ଥିଲେ ଜଣେ ବିରଳ ସମାଜସେବୀ



**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ମଙ୍ଗଳ ବାର ବିଶିଷ୍ଟ ସମାଜ ସେବୀ ଓ ଉଦ୍ୟୋଗ ପତି ସ୍ୱର୍ଗତ ପ୍ରଫୁଲ୍ଲ କୁମାର ବୋଇତାଇଙ୍କ ବିୟୋଗ ରେ ରେ କମିଟି ତରଫରୁ କାଳୀ ମେଲଣ ପଡ଼ିଆରେ ଏକ ଶୋକ ସଭା ଅନୁଷ୍ଠିତ ହୋଇ ଯାଇଛି। ପ୍ରଥମେ ଅମର ଆତ୍ମାର ସଦଗତି ନିମନ୍ତେ ଏକ ମିନିଟ୍ ନୀରବ ପ୍ରାର୍ଥନା ହୋଇଥିଲା। କମିଟିର ଉପଦେଷ୍ଟା ଆଇନଜୀବୀ ବିବେକାନନ୍ଦ ମହାନ୍ତିଙ୍କ ସଞ୍ଚାଳନରେ ଅନୁଷ୍ଠିତ ଉକ୍ତ ସଭାରେ କମିଟିର କାର୍ଯ୍ୟକାରି ସଭାପତି ଅକ୍ଷୟ କୁମାର ଦେଓ ସ୍ୱର୍ଗତ ବୋଇତାଇଙ୍କ ଜୀବନୀ ଉପରେ ସମ୍ୟକ ସୂଚନା ଦେଇ ଥିଲେ। ଶୋକସଭାରେ ଉପସ୍ଥିତ ବରିଷ୍ଠ ସରକାରୀ ଓକିଲ ଚନ୍ଦ୍ର ଶେଖର ପଣ୍ଡା, ବରିଷ୍ଠ ସାମ୍ବାଦିକ ତଥା ଜହ୍ନା ବଳଦେବଜୀଉ ମନ୍ଦିର ଟ୍ରଷ୍ଟର ଉପଦେଷ୍ଟା ଡ ଚିନ୍ତାମଣି ପାଢ଼ୀ,ପୂର୍ବତନ କାଉନସିଲର ପ୍ରଫୁଲ୍ଲ କୁମାର ନାୟକ, କାଉନସିଲର ମଣିନ୍ଦ୍ର କୁମାର ସାହୁ , ଡ ପ୍ରକାଶ କୁମାର ସାହୁ, ସରସ୍ୱତୀ ଶିଶୁ ମନ୍ଦିର ର ପୂର୍ବତନ ସମ୍ପାଦକ ତଥା ଜିବନ ବୀମା ଅଧିକାରୀ ପଙ୍କଜ କୁମାର ସେଠୀ, ସରସ୍ୱତୀ ବିଦ୍ୟା ମନ୍ଦିରରେ ପ୍ରଧାନ ଆଚାର୍ଯ୍ୟ ସୁବ୍ରତ କୁମାର ବେହେରା ପ୍ରମୁଖ ସ୍ୱର୍ଗତ ବୋଇତାଇଙ୍କ ସ୍ମୃତି ଚାରଣ ସହିତ ସେ ଜଣେ ବିରଳ ସମାଜ ସେବୀ, ପରୋପକାରୀ, ଧର୍ମ ପାରାୟଣ ବ୍ୟକ୍ତି ଥିବା ସହିତ ଗରିବ ଓ ଅଭାବୀ ମାନଙ୍କ ଦୁଃଖ ବୁଝୁଥିଲେ ବୋଲି ପ୍ରକାଶ କରିଥିଲେ। ସେ ଗୋଟିଏ ଅନୁଷ୍ଠାନ ଥିଲେ। ସୁପର କ୍ଲାସ କଣ୍ଟ୍ରାକ୍ଟର ଥାଇ କେତେ ଗୁଡ଼ିଏ ଅନୁଷ୍ଟନ କୁ ପରିଚାଳନା କରିବା ଥିଲା ତାଙ୍କର ଏକ ନିଶା। ସର୍ବପୁରାତନ ରାଇସ ମିଲ ଦୁର୍ଗା ପୂଜା କମିଟିର ସଭାପତି, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ର ମୁଖ୍ୟ ଉଦ୍ୟୋକ୍ତା, ଜହ୍ନା ବଳଦେବ ଜିଉ ମନ୍ଦିର ଟ୍ରଷ୍ଟର ମୁଖ୍ୟ ପୁରୋଧା , କହ୍ନେଇପୁର ଶିବ ମନ୍ଦିର କମିଟି ର ପୂର୍ବତନ ସଭାପତି, ୱ୍ୟାର ହାଉସ୍ ହନୁମାନ ମନ୍ଦିର କମିଟି ର ଟ୍ରଷ୍ଟି ଭଳି ବିଭିନ୍ନ ଅନୁଷ୍ଠାନ ସହିତ ଯୋଡ଼ି ହୋଇ ସେ ଚିର ଦିନ ପାଇଁ ଅମର ହୋଇ ରହିବେ।ଅନ୍ୟ ମାନଙ୍କ ମଧ୍ୟରେ ରବୀନ୍ଦ୍ର କୁମାର ପଣ୍ଡା, ମାନଗୋବିନ୍ଦ ପଣ୍ଡା, ଇଞ୍ଜିନିୟର ଶୁକଦେବ ସାହୁ, ରୋଟରିଆନ ଅଚ୍ୟୁତାନନ୍ଦ ମହାନ୍ତି, ଜୟନ୍ତ କୁମାର ପାଲ, ରାଇ ଚରଣ ମହାନ୍ତି ପଦ୍ମନ୍ନ ନାୟକ, ବିଶ୍ୱନାଥ ସାହୁ,ଗଗନ ବିହାରୀ ସିଂ, କୃଷ୍ଣ ଚରଣ ଜେନା,ପଞ୍ଚାନନ ଦାସ, ମନମୋହନ ସାମଲ, ଅମୂଲ୍ୟ କୁମାର ବଳ, ରବୀନ୍ଦ୍ର କୁମାର ବେହେରା, ନାରାୟଣ ପ୍ରତିହାରୀ, କରୁଣାକର ସେଠୀ, ଜହ୍ନା ଜଗନ୍ନାଥ ମନ୍ଦିର ର ସଞ୍ଜୟ ସାହୁ, ଏବଂ ସଦାନନ୍ଦ ବେହେରା ପ୍ରମୁଖ ଉପସ୍ଥିତ ହୋଇ ଶୋକ ବ୍ୟକ୍ତ ସହିତ ଏପରି ଦୁଃଖଦ ପରିସ୍ଥିତି ରେ ପରିବାର ବାର୍ଗ ଙ୍କୁ ସ୍ୱନ୍ତନା ଓ ସମବେଦନା ଜ୍ଞାପନ କରିଥଲେ। ଶେଷରେ ଦୁର୍ଗା ମନ୍ଦିର କମିଟି ର ସମ୍ପାଦକ ନିରାକାର ସାହୁ ଧନ୍ୟବାଦ ଦେଇଥିଲେ। ଉକ୍ତ ଶୋକ ସଭାରେ ଅନେକ ସାମାଜିକ ଅନୁଷ୍ଠାନ ବିଭିନ୍ନ ଗଣ ସଂଗଠନର କାର୍ଯ୍ୟ କର୍ତ୍ତା ଯୋଗଦେଇ ସ୍ମୃତି ଚାରଣ ସହିତ ସ୍ୱର୍ଗତ ବୋଇତାଇଙ୍କ ସ୍ମୃତିକୁ ଉଦ୍‌ଜିବିତ ରଖିବାକୁ ବିଭିନ୍ନ ପ୍ରସ୍ତାବ ଦେଇଥିଲେ।

# ନିୟନ୍ତ୍ରିତ ବଜାର କମିଟିର ଗୋପ ହାଟ ଉପରେ ନିୟନ୍ତ୍ରଣ ନାହିଁ

**କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ**



ଚଣ୍ଡିଖୋଲ-ପାରାଦୀପ ୫୩ ନମ୍ବର ଜାତୀୟ ରାଜପଥର ଗୋପଛକଠାରେ ରାଜପଥ ଉପରେ ଗୋପହାଟ ଅନୁଷ୍ଠିତ ହୋଇଥାଏ। ଏହି ଜାତୀୟ ରାଜପଥ ଉପରେ ଏହି ହାଟ ହେଉଥିବାରୁ ଶହ ଶହ ଗାଡି ଯାତାୟତ କରିଥାଏ। ଏଥିରେ ଅଗ୍ନିଶମ, ଆମ୍ବୁଲାନ୍ସ ସହିତ ବହୁ ଜରୁରୀ କାଳୀନ ଗାଡି ଏହି ଜାତୀୟ ରାଜପଥ ଦେଇ ଯାତାୟତ କରିଥାଏ। ହାଟରେ ଶହ ଶହ ବ୍ୟବସାୟୀ ରାସ୍ତା ଉପରେ ବସୁଥିବାରୁ ଯାତାୟତ କରୁଥିବା ଗାଡି ରାସ୍ତା ଅବରୋଧ ଦ୍ୱାରା ଘଣ୍ଟା ଘଣ୍ଟା ଛିଡା ହୋଇଥାଏ। ହାଟକୁ ନିୟନ୍ତ୍ରଣ କରିବା ପାଇଁ କିମ୍ବା ବ୍ୟବସାୟୀଙ୍କୁ ଏକ ତରଫ ବସାଇବା ପାଇଁ ନିୟନ୍ତ୍ରିତ ବଜାର କମିଟିର କୌଣସି କର୍ମଚାରୀ କିମ୍ବା ଅଧିକାରୀ ନଥାନ୍ତି। ଯାହାଫଳରେ ବହୁ ବିଶୃଙ୍ଖଳା ଦେଖାଦେଇଥାଏ। ଯଦି କୌଣସି ଗାଡିର ବ୍ରେକ୍ ଫେଲ୍ ହୁଏ ତାହାହେଲେ ବହୁ ଲୋକ ଦୁର୍ଘଟଣାର ସମ୍ମୁଖୀନ ହେବେ। ଏଥିପ୍ରତି ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବାକୁ ଜନସାଧାରଣରେ ଦାବି ହେଉଛି। ଯଦି ପ୍ରଶାସନିକ ଅବହେଳା ହେତୁ କୌଣସି ଦୁର୍ଘଟଣା ଘଟେ ଏଥିପାଇଁ ପ୍ରଶାସନ ହିଁ ଦାୟୀ ରହିବେ। ତେଣୁ ଗୋପ ହାଟକୁ ଜାତୀୟ ରାଜପଥ ଉପରୁ ତୁରନ୍ତ ହଟାଇ ନିୟନ୍ତ୍ରିତ ବଜାର କମିଟି ଦ୍ୱାରା ହାଟ ମଧ୍ୟରେ ନିର୍ମିତ ଗୃହକୁ ସ୍ଥାନାନ୍ତର କରିବାକୁ ପ୍ରଶାସନ ପଦକ୍ଷେପ ନେବା ଅତ୍ୟନ୍ତ ଜରୁରୀ ବୋଲି ଜନମତ ପ୍ରକାଶ ପାଇଛି।

# ସଡ଼କ ସୁରକ୍ଷା ଚିତ୍ରାଙ୍କନ ଓ ସ୍ଲୋଗାନ ପ୍ରତିଯୋଗିତା

**ବରଗଡ, ନ୍ୟୁଜ୍ ବ୍ୟୁରୋ**

ବରଗଡ଼ ଆଞ୍ଚଳିକ ପରିବହନ ବିଭାଗ ଆନୁକୂଲ୍ୟରେ ସେବା ସଂକଳ୍ପ ଅଭିଯାନ ଓ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅବସର ରେ ଜିଲ୍ଲା ସ୍ତରୀୟ ସ୍ଲୋଗାନ ଓ ଚିତ୍ରାଙ୍କନ ପ୍ରତିଯୋଗିତା ସ୍ଥାନୀୟ ରାଣା ପ୍ରତାପ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇ ଯାଇଛି।ପ୍ରଧାନ ଶିକ୍ଷକ ସୁଦୀପ କୁମାର ରଥଙ୍କ ଅଧ୍ୟକ୍ଷତା ଓ ଆଞ୍ଚଳିକ ପରିବହନ ଅଧିକାରୀ ଅଶୋକ କୁମାର ପାଣିଗ୍ରାହୀ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ କୁ ଜିଲ୍ଲା ଶିକ୍ଷା ଅଧିକାରୀ ସରୋଜ ଭୁଏ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶୁଭ ଉଦ୍ଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଏଇ ମିଶନ ସ୍କୁଲ ନିର୍ଦ୍ଦେଶକ ଯଶ ବୀର ସିଂ ସୈନି ଯୋଗ ଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରି କୃତି ପ୍ରତିଯୋଗୀ ମାନଙ୍କୁ ଉଦଯାପନୀ ସମାରୋହ ରେ ପୁରସ୍କୃତ କରିଥିଲେ। ଚିତ୍ରାଙ୍କନ ପ୍ରତିଯୋଗିତାରେ ସନ୍ତୁ କୁମାର ପଣ୍ଡା, ପ୍ରତ୍ୟାଶା ଗୁରୁ ଓ ରୁକ୍ମଣୀ ଦୋରା, ସ୍ଲୋଗାନ ପ୍ରତିଯୋଗିତାରେ ଶ୍ରଦ୍ଧା ପ୍ରଧାନ, ଶାଲିନି ସା, ରୀମା ସାହୁ ଯଥା କ୍ରମେ ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ବିଚାରକ ଭାବେ ଡ ଡୋଳାମଣି ସତପଥି,କପିଳେଶ୍ୱର ବାଗ, ଅରବିନ୍ଦ ଗୁପ୍ତା, ଆଶୁତୋଷ ଛତର, ମନୋଜ ଜେନା,ନିରଞ୍ଜନ ବେହେରା ପ୍ରମୁଖ ମୂଲ୍ୟାଙ୍କନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସହକାରୀ ଆଞ୍ଚଳିକ ପରିବହନ ଅଧିକାରୀ ବର୍ଷା ରାଣୀ ମୁଣ୍ଡା, ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ସେକ୍ସନ ଅଫିସର ବିନୋଦ କୁମାର ଦାଶ, କାର୍ଯ୍ୟକ୍ରମ ଅଧିକାରୀ ଅନ୍ତର୍ଯ୍ୟାମୀ ପ୍ରଧାନ, କାର୍ଯ୍ୟ ନିର୍ବାହୀ ଅଧିକାରୀ ମନୋଜ କଠାର୍ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

# ୩୯୭ ଭିନ୍ନକ୍ଷମଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

**କେନ୍ଦ୍ରାପଡ, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲାସାମାଜିକସୁରକ୍ଷା ଓ ଭିନ୍ନକ୍ଷମ ଶସକ୍ତି କରଣ ବିଭାଗ ଦ୍ୱାରା ଭୀମଭୋଇ ଭିନ୍ନକ୍ଷମ ସାମର୍ଥ ଶିବିର ୨୦୨୬-୨୭ କେନ୍ଦ୍ରାପଡା ବ୍ଲକ ଓ ପୌର ପରିଷଦ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡା ବିଡିଓ ଅଭିଶେକସ୍ୱାଇଁଙ୍କ ଅଧକ୍ଷତାରେ ଓ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁଦିପ୍ତା ମହାପାତ୍ରଙ୍କ ତତ୍ୱବଧାନରେ ଅନୁଷ୍ଠିତଏହି ସାମର୍ଥ୍ୟ ଶିବିରକୁ କେନ୍ଦ୍ରାପଡା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରାମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଉପାଧକ୍ଷା ପ୍ରତାପ ନାରାୟଣ ମହାପାତ୍ର, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବେଉରା, ଏବିଡିଓ ଅନିରୁଦ୍ଧ ବେହେରା ପ୍ରମୁଖଯୋଗଦେଇଥିଲେ।ଏହିଶିବିରରେମୋଟ୍୪ଶହ୧୯ଜଣନାମ ପିକରଣ କରିଥିବା ବେଳେ ସେଥି ମଧ୍ୟରୁ ମାନସିକ ଅନଗ୍ରସର ବିକାରଗ୍ରସ୍ତ ୪୯ ଜଣ, ଶ୍ରବଣ ବାଧିତ ୪୯ ଜଣ, ଦୃଷ୍ଟିବାଧିତ ୪୧ ଜଣ, ଶିଶୁବିଭାଗର ୩୧ ଜଣ, ଭେଷଜବିଜ୍ଞାନର ୮୨ ଜଣ, ଏବଂ ଅସ୍ଥିଶଲ୍ୟ ୧୪୭ ଜଣ ଦିବ୍ୟାଙ୍ଗ ମାନଙ୍କର ଡାକ୍ତରୀ ପରୀକ୍ଷା ନିରୀକ୍ଷା କରାଯାଇଥିଲା।ଏହିଭଳି ଭାବରେ ମୋଟ୍ ୩୯୭ ଜଣ ଭିନ୍ନକ୍ଷମ ମାନଙ୍କର ପରୀକ୍ଷା ନିରୀକ୍ଷା କରାଯାଇଥିବା ଦିବ୍ୟାଙ୍ଗ ମାନଙ୍କୁଖୁବ୍‌ଶୀଘ୍ର ପ୍ରମାଣପତ୍ର ପ୍ରଦାନ କରାଯିବବୋଲିବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁଦିପ୍ତା ମହାପାତ୍ର ପ୍ରକାଶ କରିଛନ୍ତି। ଆୟୋଜିତଏହିକାର୍ଯ୍ୟକ୍ରମରେ ସହସ୍ରାଂଶୁକୁଣ୍ଡୁ, ଶ୍ରୀକ୍ରିଷ୍ଟ ଜ୍ୟୋତି ପ୍ରକାଶ ଦାସଙ୍କ ସହ ଅନ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ।

# ପ୍ରତିଦିନର ଖାଦ୍ୟ ସୁଷମ ଓ ସ୍ୱାସ୍ଥ୍ୟ ହିତକାରୀ ହେବା ଉପରେ ଗୁରୁତ୍ୱ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ଓଡିଶା କୃଷି ବିଶ୍ୱ ବିଦ୍ୟାଳୟ ସହାୟତାରେ ଓ ବୌଦ୍ଧ କୃଷି ବିଜ୍ଞାନ କେନ୍ଦ୍ର ଆୟୋଜନ କ୍ରମେ ସଭାଗୃହ ଠାରେ ବୌଦ୍ଧ ଜିଲ୍ଲାର ସାଲୁଙ୍କି କୃଷକ ଉତ୍ପାଦକ ସଂଗଠନ ନିର୍ଦ୍ଦେଶକ, ସକ୍ରିୟ ସଦସ୍ୟ ଓ ଅଗ୍ରଣୀ କୃଷକ ମାନଙ୍କୁ ନେଇ ଚ଼ତୁର୍ଥ ଜିଲ୍ଲାସ୍ତରୀୟ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ କୃଷିବିଜ୍ଞାନ କେନ୍ଦ୍ର ମୁଖ୍ୟ ବୈଜ୍ଞାନିକ ତପନ କୁମାର ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିବାବେଳେ ବୌଦ୍ଧବ୍ଲକ ମତ୍ସ୍ୟ ଅଧିକାରୀ ଅଜୟ କୁମାର ବେହେରା, ବଘିଆପଡା ପ୍ରାଣୀ ଚ଼ିକିତ୍ସା ଅଧିକାରୀ ଯୋଗଦେଇ ନିଜ ନିଜ ବିଭାଗର ସରକାରୀ ଯୋଜନା ଉପରେ ଉପସ୍ଥାପନା କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ସସ୍ମିତା ପାଳ ପ୍ରତିଦିନ ଖାଉଥିବା ଖାଦ୍ୟ କିପରି ସୁଷମ ଓ ସ୍ୱାସ୍ଥ୍ୟ ପ୍ରତି ଉପକାରୀ ହୋଇପାରିବ ଉପସ୍ଥାପନା କରିଥିଲେ। ବିଭିନ୍ନ ଆଲୋଚ଼ନାରେ ସାଲୁଙ୍କି କୃଷକ ଉତ୍ପାଦକ ସଂଗଠନର ଉପଦେଷ୍ଟା ତଥା ସାମାଜିକ କର୍ମୀ କେଦାରନାଥ ସାହୁ ଯୋଗଦେଇ କୃଷକ ମାନଙ୍କ ଆର୍ଥିକ ଉନ୍ନତି କିପରି ଉତ୍ପାଦକ ସଂଗଠନମାନଙ୍କ ମାଧ୍ୟମରେ ହୋଇପାରିବ ବୁଝାଇଥିଲେ । ସେହିପରି ସାମାଜିକ ସଂଗଠନ ପିସପୁଲ ସୋସାଇଟି ସମ୍ପାଦିକା ମୁଲତା ଦାସ ଯୋଗଦେଇ କୃଷକ ସଂଗଠନ ମାଧ୍ୟମରେ କୃଷକ ମାନଙ୍କ ଆର୍ଥିକ ଉନ୍ନତି ନିମନ୍ତେ ସାର, ଔଷଧ, ବିହନ, କୃଷି ଯନ୍ତ୍ରପାତି, ଜ୍ଞାନକୌଶଳ ଦେଇ ବୈଜ୍ଞାନିକ ପଦ୍ଧତିରେ ଚ଼ାଷ କରି ଉତ୍ପାଦିତ ଦ୍ରବ୍ୟକୁ ପ୍ରକ୍ରିୟାକରଣ କରି ବିକ୍ରିବଟା କରିବା ପାଇଁ କହିଥିଲେ । ବୌଦ୍ଧ ଜିଲ୍ଲାରେ ବେଆଇନ ଚ଼ାଷରୁ ମୁକ୍ତି କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇ ବିଭିନ୍ନ ଅର୍ଥକାରୀ ଫସଲ କରି ଆର୍ଥିକ ଉନ୍ନତି କରିବାପାଇଁ ବିଭିନ୍ନ କୃଷକ ସଂଗଠନ, ସାମାଜିକ ସଂଗଠନ, ସରକାରୀ ବିଭାଗ ତରଫରୁ ଚେଷ୍ଟା କରିବା ପାଇଁ ସାମାଜିକକର୍ମୀ ତଥା ସାଲୁଙ୍କି କୃଷକ ଉତ୍ପାଦକ ସଂଗଠନ ସିଇଓ କୃତ୍ତିବାସ ପଲିଆ ଉପସ୍ଥାପନା କରିଥିଲେ। ଶେଷରେ କୃଷି ବୈଜ୍ଞାନିକ ଡ଼. ମୟୂରୀ ସିଂ ସର୍ଦ୍ଦାର ଧନ୍ୟବାଦ ଅର୍ପଣ କରିଥିଲେ।

# ଔପଦାରେ ୭୬ ଅଭିଯୋଗପତ୍ର ଦାଖଲ

**ବାଲେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ବାଲେଶ୍ୱର ଜିଲ୍ଲାର ଔପଦା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଔପଦା ପଞ୍ଚାୟତ ସମିତି ଅଧୀନସ୍ଥ ବିଭିନ୍ନ ଗ୍ରାମ ପଞ୍ଚାୟତରୁ ୭୬ ଜଣ ଅଭିଯୋଗକାରୀ ନିଜର ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ। ସେଥି ମଧ୍ୟରୁ ୫୭ ଗୋଟି ବ୍ୟକ୍ତିଗତ ଓ ୧୯ ଗୋଟି ସାମୁହିକ ଅଭିଯୋଗ ସମ୍ପର୍କିତ ଅଟେ ଓ ଏହି ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମରେ ୭ ଗୋଟି ଅଭିଯୋଗର ତତକାଳ ସମାଧାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ହେମନ୍ତ କୁମାର ସିଂହ, ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ସଞ୍ଜୟ କୁମାର ରାଉତ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ, ଡ. ଅମୂଲ୍ୟ କୁମାର ଦାସ, ବିଡିଓ, ଔପଦା ଶାଶ୍ୱତୀ ସାଦୁଆଲ, ତହସିଲଦାର, ଔପଦା ପ୍ରଜ୍ଞା ପରମିତାଙ୍କ ସହିତ ଜିଲ୍ଲାର ବିଭିନ୍ନ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ।

# ଡୁଙ୍ଗରିପାଲିରେ ୫୯ଟି ଅଭିଯୋଗ ପତ୍ର ଗ୍ରହଣ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**



ସୁବର୍ଣ୍ଣପୁର ଜିଲ୍ଲାର ଡୁଙ୍ଗରିପାଲି ବ୍ଲକସ୍ଥିତ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲ୍ଲାପାଳ ଦେବାଶିଷ ସିଂହ ଓ ସୁବର୍ଣ୍ଣପୁର ଆରକ୍ଷୀ ଅଧୀକ୍ଷକ ନାରାୟଣ ନାୟକ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଓ ସମସ୍ୟା ଶୁଣିଥିଲେ। ଏହି ଶିବିରରେ ସର୍ବମୋଟ ୫୯ଟି ଅଭିଯୋଗ ଦରଖାସ୍ତ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୫୪ଟି ବ୍ୟକ୍ତିଗତ ଓ ୫ଟି ସାମୂହିକ ଦରଖାସ୍ତ ଥିଲା। ଏଥିସହ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ସମ୍ବନ୍ଧୀୟ ୨ଟି ଏବଂ ରେଡ୍‌କ୍ରସ୍ ପାଣ୍ଠି ସମ୍ବନ୍ଧୀୟ ଗୋଟିଏ ଦରଖାସ୍ତ ଗ୍ରହଣ କରାଯାଇଥିଲା। ଗୋଟିଏ ଦରଖାସ୍ତର ତତ୍କାଳ ସମାଧାନ କରାଯାଇଥିଲା। ଅନ୍ୟ ସମସ୍ତ ଦରଖାସ୍ତଗୁଡ଼ିକର ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ନିକଟକୁ ପ୍ରେରଣ କରାଯାଇଥିଲା। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦର ନିର୍ବାହୀ ଅଧିକାରୀ ଅଶ୍ୱିନୀ ମେହେର ଓ ଅତିରିକ୍ତ ତହସିଲଦାର ରୋହିତ ଭୋଇ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଶିବିରରେ ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଉଷାରାଣୀ ଦାସ, ସହକାରୀ କଲେକ୍ଟର ସୁଶ୍ରୀ ପ୍ରିୟଦର୍ଶିନୀ ସାହୁ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମହେଶ୍ୱର ପ୍ରଧାନଙ୍କ ସମେତ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀଣ ବିକାଶରେ ସୁରଭିର ଭୂମିକା ଉପରେ ଆଲୋକପାତ

**କେନ୍ଦ୍ରାପଡା , ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡ଼ାସ୍ଥିତ ଫ୍ରେଜର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ କ୍ଲଷ୍ଟରସ୍ତରୀୟ 'ସୁରଭି-୨୦୨୬' ଉତ୍ସବ ଉତ୍ସାହ ଓ ଉଦ୍ଦୀପନାର ସହିତ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ କ୍ଲଷ୍ଟର ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ ଓ ଅତିଥିମାନେ ଯୋଗଦେଇ ଶିକ୍ଷା ସହିତ କଳା, ସାହିତ୍ୟ, ସଂସ୍କୃତି ଓ ସୃଜନଶୀଳତାର ଏକ ସୁନ୍ଦର ପରିବେଶ ସୃଷ୍ଟି କରିଥିଲେ।ଉଦ୍‌ଘାଟନୀ ସମାରୋହରେ ୱାର୍ଡ ନଂ-୧୦ର କାଉନସିଲର ରଶ୍ମିତା ସିଂହ ଓ କ୍ଲଷ୍ଟର ସିଆରସିସି ସଦାଶିବ ସାହୁ ଉଦ୍‌ଘାଟକ ଭାବେ ଯୋଗଦେଇଥିବା ବେଳେ ଫ୍ରେଜର ବାଳିକା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସବ୍ୟସାଚୀ ବେହେରା ସଭାପତିତ୍ୱ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ତଥା ପୂର୍ବତନ ଜିଲ୍ଲା ବିଜ୍ଞାନ ପରିଦର୍ଶକ ପୀତବାସ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ 'ସୁରଭି'ର ଉଦ୍ଦେଶ୍ୟ ଓ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀଣ ବିକାଶରେ ଏହାର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ।ଏହି ଉତ୍ସବରେ ସଙ୍ଗୀତ, ବିତର୍କ, ବକ୍ତୃତା, କୁଇଜ୍, ସୁଲେଖନ ଓ ପିଏମ୍ ପୋଷଣ ସମ୍ବନ୍ଧୀୟ କାର୍ଯ୍ୟକ୍ରମ ସହିତ ହସ୍ତଶିଳ୍ପ ଓ କଳାକୃତି ଆଦି ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିସହିତ କ୍ଲଷ୍ଟରର ପ୍ରତ୍ୟେକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ନୃତ୍ୟ ଓ ସାଂସ୍କୃତିକ ପରିବେଷଣ ମାଧ୍ୟମରେ ନିଜ ନିଜର ଅନ୍ତର୍ନିହିତ ପ୍ରତିଭା ପ୍ରଦର୍ଶନ କରିଥିଲେ। ପ୍ରତିଯୋଗିତାଗୁଡ଼ିକରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ଆଗାମୀ ବ୍ଲକ୍‌ସ୍ତରୀୟ 'ସୁରଭି' ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାର ସୁଯୋଗ ପାଇବେ। ଉଦ୍‌ଯାପନୀ ସମାରୋହରେ କେନ୍ଦ୍ରାପଡ଼ା ପୌରପାଳିକାର ଅଧ୍ୟକ୍ଷା ସରିତା ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସହକାରୀ ବ୍ଲକ୍ ଶିକ୍ଷା ଅଧିକାରୀ ତଥା ବ୍ଲକ୍ ରିସୋର୍ସ ସେଣ୍ଟର ସଂଯୋଜକ ଏବିଇଓ ରଞ୍ଜନ କୁମାର ରାଉତରାୟ ମୁଖ୍ୟବକ୍ତା ଭାବେ ଯୋଗଦେଇଥିବା ବେଳେ ସବ୍ୟସାଚୀ ବେହେରା ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ମ୍ୟୁନିସିପାଲ୍ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସିଦ୍ଧାର୍ଥ ଶଙ୍କର ଜେନା, ଦିଲାୱରପୁରସ୍ଥିତ ମଦ୍ରାସା ଇସଲାମିଆ ଆରବିଆର ହେଡ୍ ମୌଲବୀ ମୌଲାନା ଖୁର୍ସିଦ୍ ଅନୱର ଏବଂ କେନ୍ଦ୍ରାପଡ଼ାର ବିଆରଟି ହିମାଂଶୁ ଶେଖର ନାୟକ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। କାର୍ଯ୍ୟକ୍ରମର ସଫଳ ଆୟୋଜନରେ କ୍ଲଷ୍ଟର ଅନ୍ତର୍ଗତ ସମସ୍ତ ବିଦ୍ୟାଳୟର ସହକାରୀ ଶିକ୍ଷକ-ଶିକ୍ଷୟିତ୍ରୀ ଓ ଫ୍ରେଜର ବିଦ୍ୟାଳୟର କର୍ମଚାରୀମାନେ ସକ୍ରିୟ ସହଯୋଗ କରିଥିଲେ। ଉତ୍ସବରେ ଯୋଗଦେଇଥିବା ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ ଓ ଅତିଥିମାନଙ୍କ ପାଇଁ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା କରାଯାଇଥିଲା। ଶେଷରେ କ୍ଲଷ୍ଟର ସିଆରସିସି ସଦାଶିବ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।'ସୁରଭି-୨୦୨୬' ଛାତ୍ରଛାତ୍ରୀଙ୍କ ଲୁକ୍କାୟିତ ପ୍ରତିଭାର ବିକାଶ, ଆତ୍ମବିଶ୍ୱାସ ବୃଦ୍ଧି, ସୃଜନଶୀଳତାର ପ୍ରକାଶ ଏବଂ ସାମୂହିକ ସହଭାଗିତାର ଏକ ଉତ୍କୃଷ୍ଟ ମଞ୍ଚ ଭାବେ ପରିଗଣିତ ହୋଇଥିଲା।

# ଭିଡ଼ରେ ଅଣନିଃଶ୍ୱାସୀ ରାଜଧାନୀ: ରାଜମହଲରୁ ଏଜି ମାଡ଼ି ବସୁଛନ୍ତି ଦୁଇଚକିଆ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପୂଜାର ମାହୋଲ ଯେତେ ଆଗକୁ ବଢୁଛି, ଟ୍ରାଫିକ୍ ଭିଡ଼ ରାଜଧାନୀବାସୀଙ୍କୁ ସେତେ ଅଣନିଃଶ୍ୱାସୀ କରିପକାଉଛି। ଚାରିଚକିଆ ଗାଡ଼ି କଥା ଛାଡ଼, ଦୁଇଚକିଆ ଗାଡ଼ି ବି ଗଡ଼ିପାରୁନି। ରାଜଧାନୀର ସବୁ ପ୍ରମୁଖ ରାସ୍ତାରେ ଟ୍ରାଫିକ୍ ଜାମ୍। ରାଜମହଲରୁ ଏଜି ଛକ, ରାଜମହଲରୁ ବାଣୀବିହାର(ଜନପଥ), କଳ୍ପନାରୁ ରସୁଲଗଡ଼ (କଟକରୋଡ୍), ଜୟଦେବବିହାରରୁ ପଟିଆ (ନନ୍ଦନକାନନ ରାସ୍ତା), କଳ୍ପନାରୁ ସାମନ୍ତରାପୁର, ହଂସପାଳରୁ ପଳାଶୁଣୀ, ଆଚାର୍ଯ୍ୟବିହାରରୁ ଗାଡ଼କଣ ସବୁଠି ଭିଡ଼ ଆଉ ଭିଡ଼। ଗଳିକନ୍ଦି ଅବସ୍ଥା ବି କିଛି କମ୍ ନୁହେଁ। ୧୦ମିନିଟ୍‌ର ରାସ୍ତାକୁ ଅତିକ୍ରମ କରିବା ଲାଗି ନିହାତି ଅଧଘଣ୍ଟା ଲାଗୁଛି। ପୂଜା ପାଇଁ କିଣାକିଣି କରିବାକୁ ଆସୁଥିବା ଗ୍ରାହକଙ୍କ ସଂଖ୍ୟା ଯେତିକି, ପୂଜା ମଣ୍ଡପ ଦେଖିବାକୁ ଆସୁଥିବା ଶ୍ରଦ୍ଧାଳୁଙ୍କ ସଂଖ୍ୟା ତା'ଠୁ ବେଶି। ରାଜମହଲରୁ ଏଜି ଛକ ରାସ୍ତାରେ ବେଆଇନ୍ ପାର୍କିଂ ଏହି ଭିଡ଼ର ମୂଳ କାରଣ। ଚଉଡ଼ା ରାସ୍ତା ବୋଲି ଯିଏ ଯେଉଁଠି ପାରିଲା ଗାଡ଼ି ପାର୍କିଂ କଲା। ବିଶେଷକରି କ୍ୟାପିଟାଲ୍ ଥାନାଠାରୁ ୟୁନିଟ୍-୧ ହାଟ ସମ୍ମୁଖ ଦେଇ ଏଜି ଛକ ଫୁଲ ଦୋକାନ ପର୍ଯ୍ୟନ୍ତ ହଜାର ହଜାର ବାଇକ୍ ରାସ୍ତା ଉପରେ ପାର୍କିଂ ହେଉଛି। ଅଧାରାସ୍ତାକୁ ବାଇକ୍‌ଗୁଡ଼ିକ ମାଡ଼ି ବସୁଛନ୍ତି। ଅବ୍ୟବସ୍ଥିତ ପାର୍କିଂ ପାଇଁ ଲୋକଙ୍କୁ ଟ୍ରାଫିକ୍ ଯନ୍ତ୍ରଣାରେ କଲବଲ ହେବାକୁ ପଡୁଛି। ଭିଡ଼ ହଟାଇବାକୁ ୫୫ଜଣ ଉଠାଦୋକାନୀଙ୍କୁ ଏଠାରେ ହଟାଗଲା ପରେ ବି ବାଇକ୍‌ଗୁଡ଼ିକର ବେଆଇନ ପାର୍କିଂ ପୂର୍ବାବସ୍ଥାକୁ ବଳେଇଯାଇଛି। ଭୁବନେଶ୍ୱର କୋର୍ଟ ଓ ବିଜେବି କଲେଜ ସମ୍ମୁଖ ରାସ୍ତାର ସ୍ଥିତି ବଦଳିପାରିନି। ଏବେ ବି ହଜାର ହଜାର ଦୁଇଚକିଆ, ଚାରିଚକିଆ ରାସ୍ତା ଉପରେ ପାର୍କିଂ ହେଉଛନ୍ତି। ଭୁବନେଶ୍ୱରରୁ ପୁରୀ ପାଇଁ ଏହି ପ୍ରମୁଖ ରାସ୍ତାରେ ହେଉଥିବା ବେଆଇନ୍ ପାର୍କିଂ ଟ୍ରାଫିକ୍ ସମସ୍ୟା ସୃଷ୍ଟି କରୁଛି। ରସୁଲଗଡ଼ ଛକରେ ଅସରନ୍ତି ଯନ୍ତ୍ରଣା। ଏବେ ସିନା ପୂଜା ପାଇଁ ଭିଡ଼। ପୂର୍ବରୁ ଏଠି ଭିଡ଼ ନିତିଦିନିଆ କଥା। ଆଜି ରସୁଲଗଡ଼, ପଳାଶୁଣୀ, କଳ୍ପନା ଓ ବାଣୀବିହାର ରାସ୍ତା ଭିଡ଼ରେ ଛନ୍ଦି ହୋଇଯାଇଥିଲା। ପଳାଶୁଣୀ ପାର୍ଶ୍ୱରେ ପୁଲିସ ଠିଆ ହୋଇ ଭିଡ଼କୁ ନିୟନ୍ତ୍ରଣ କରିବାକୁ ପ୍ରଚେଷ୍ଟା କରିଥିଲେ ବି ଅମାନିଆଙ୍କୁ ଅଟକାଇ ପାରିନି। ଆଜି ବି ଲୋକେ ରଙ୍ଗ୍ ରୁଟ୍‌ରେ ଯା'ଆସ କରି ଭିଡ଼ ବଢ଼ାଇଛନ୍ତି। ସେପଟେ ଅମାନିଆ ବସ୍ ଚାଳକମାନେ ମନଇଛା ଗାଡ଼ି ଅଟକାଇ ଯାତ୍ରୀ ଉଠାଉଥିବା ଓ ମାଲ୍ ଅନ୍‌ଲୋଡ୍ କରୁଥିବାରୁ ଅଯଥା ଭିଡ଼ ବଢ଼ିଛି। ରସୁଲଗଡ଼ ବ୍ରିଜ୍ ଶେଷ ମୁଣ୍ଡରେ ବସ୍‌ଗୁଡ଼ିକ ରାସ୍ତାକୁ ବନ୍ଦ କରି ରଖୁଛନ୍ତି। ଏଣୁ ପଛରୁ ଯାଉଥିବା ଗାଡ଼ି ସବୁ ସ୍ୱାଭାବିକ ଭାବେ ଆଗକୁ ଗଡ଼ିପାରୁନାହାନ୍ତି। ଟ୍ରାଫିକ୍ ପୁଲିସ କର୍ମଚାରୀମାନଙ୍କ ଆଗରେ ଏଭଳି ଘଟୁଥିଲେ ବି ଏହାକୁ ସେମାନେ ଗୁରୁତ୍ୱ ଦେଉନାହାନ୍ତି। ଆଜି ବାଣୀବିହାରରୁ ରସୁଲଗଡ଼ ଦେଇ ପଳାଶୁଣୀ, ହାଇଟେକ୍ ଛକ ଅତିକ୍ରମ କରିବାକୁ ଘଣ୍ଟା ଘଣ୍ଟା ଲାଗି ଯାଇଥିଲା। ସଂଧାରେ ଲୋକମାନେ ଏହି ରାସ୍ତାରେ ରୁନ୍ଧି ହୋଇଯାଇଥିଲେ। ଉଭୟ ଫ୍ଲାଏଓଭର ଉପର ଓ ସର୍ଭିସ୍‌ରୋଡ୍‌ରେ ଭିଡ଼ ନିୟନ୍ତ୍ରଣ ବାହାରକୁ ଚାଲିଯାଇଥିଲା। ରାତି ୧୦ଟା ପର୍ଯ୍ୟନ୍ତ ଭିଡ଼ରେ ଲୋକେ ହନ୍ତସନ୍ତ ହୋଇଥିଲେ। ଦୁର୍ଗାପୂଜା ପାଇଁ ସାରା ସହର ଉତ୍ସବ ମୁଖର ହୋଇଥିବା ବେଳେ ପୂଜାମଣ୍ଡପରେ ଅଗ୍ନିକାଣ୍ଡ ଓ ବିଭିନ୍ନ ଅଘଟଣରୁ ଲୋକଙ୍କୁ ସୁରକ୍ଷା ଦେବା ପାଇଁ ରାଜ୍ୟ ଅଗ୍ନିଶମ ଓ ଜରୁରୀକାଳୀନ ସେବା ପକ୍ଷରୁ 'ଶକ୍ତି ସୁରକ୍ଷା' ଅଭିଯାନ ଆରମ୍ଭ କରାଯାଇଛି। ପ୍ରାୟ ୫ହଜାରରୁ ଅଧିକ ଅଗ୍ନିକଙ୍କୁ ନେଇ ରାଜଧାନୀ ସମେତ ରାଜ୍ୟର ପ୍ରାୟ ୧୫ଶହରୁ ଅଧିକ ମଣ୍ଡପରେ ଅଗ୍ନି ସୁରକ୍ଷା ବ୍ୟବସ୍ଥାର ଯାଞ୍ଚ କରାଯାଇଛି। ଏହା ସହିତ ମଣ୍ଡପମାନଙ୍କରେ ଅଗ୍ନିଶମ କର୍ମଚାରୀଙ୍କ ମୁତୟନ, ଜନସମାଗମ ସ୍ଥଳରେ ସୁରକ୍ଷା ସହାୟତା, ବିସର୍ଜନ ସମୟରେ ଦୁର୍ଘଟଣାର ମୁକାବିଲା ଏବଂ ଆୟୋଜକ ଓ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅଗ୍ନି ସୁରକ୍ଷା ସଚେତନତା ବୃଦ୍ଧି ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି। ସେହିପରି ମଣ୍ଡପଗୁଡ଼ିକରେ ଅଗ୍ନିକାଣ୍ଡର ଆଶଙ୍କା ହ୍ରାସ କରିବା ପାଇଁ କମିଟିମାନେ ଅଗ୍ନି ନିର୍ବାପକ ଯନ୍ତ୍ର ଉପଲବ୍ଧ ରଖିବା, ବିଦ୍ୟୁତ୍ ସଂଯୋଗ ଓ ଆଲୋକସଜ୍ଜାର ସୁରକ୍ଷା ଯାଞ୍ଚ କରିବା, ଦହନଶୀଳ ସାମଗ୍ରୀର ବ୍ୟବହାରରେ ସତର୍କତା ଅବଲମ୍ବନ କରିବା ଏବଂ ଜରୁରୀକାଳୀନ ପ୍ରସ୍ଥାନ ପଥକୁ ଅବରୋଧମୁକ୍ତ ରଖିବା ଉପରେ ଗୁରୁତ୍ୱ ଦିଆଯାଇଛି। ମା'ଙ୍କ ମୂର୍ତ୍ତି ବିସର୍ଜନ ସମୟରେ ଜଳଜନିତ ଦୁର୍ଘଟଣାକୁ ରୋକିବା ଏବଂ ଜଳରେ ବୁଡ଼ିଯିବା ଭଳି ଘଟଣାରେ ତୁରନ୍ତ ଉଦ୍ଧାର କାର୍ଯ୍ୟ ପାଇଁ ସ୍ୱତନ୍ତ୍ର ଉଦ୍ଧାରକାରୀ ଦଳ ଓ ଆବଶ୍ୟକ ଉପକରଣ ପ୍ରସ୍ତୁତ ରଖାଯାଇଛି। ବିସର୍ଜନ ସ୍ଥଳରେ ପ୍ରଶାସନର ନିର୍ଦ୍ଦେଶ ଓ ସୁରକ୍ଷା ନିୟମ ପାଳନ କରିବା ସହିତ ଜନସାଧାରଣଙ୍କୁ ଜଳାଶୟ ନିକଟରେ ସତର୍କ ରହିବାକୁ ଅନୁରୋଧ କରାଯାଉଛି। ଅପରପଟେ କୌଣସି ଅଗ୍ନିକାଣ୍ଡ ବା ଜରୁରୀକାଳୀନ ପରିସ୍ଥିତି ଦେଖିଲେ ତୁରନ୍ତ ୧୧୨ ନମ୍ବରରେ ଯୋଗାଯୋଗ କରିବାକୁ ଅଗ୍ନିଶମ ବିଭାଗ ପକ୍ଷରୁ ନିବେଦନ କରାଯାଇଛି।

32 YEARS
# ସମ୍ବାଦ କଳିକା
ଭୁବନେଶ୍ୱର, ୧୯ ଅକ୍ଟୋବର, ୨୦୨୬ ସୋମବାର





## ମା’ ସୁରେଶ୍ୱରୀ, ଭଗବତୀ, ଦୁର୍ଗାଦେବୀଙ୍କ କାଳରାତ୍ରୀ ବେଶ



**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**

ଶାରଦୀୟ ନବରାତ୍ରୀର ସପ୍ତମ ଦିବସରେ ପବିତ୍ର ଦେବଭୂମି ସୁବର୍ଣ୍ଣପୁରର ଆରାଧ୍ୟା ମା’ ସୁରେଶ୍ୱରୀଙ୍କ ସମେତ ମା’ ଭଗବତୀ ଓ ମା’ ଦୁର୍ଗାଦେବୀ କାଳରାତ୍ରୀ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଛନ୍ତି। ଆଦିଶକ୍ତି ମା’ ଦୁର୍ଗାଙ୍କ ନବରୂପ ମଧ୍ୟରୁ ସପ୍ତମ ସ୍ୱରୂପ ମା’ କାଳରାତ୍ରୀ ଶକ୍ତି, ସାହସ ଓ ଅଶୁଭ ଶକ୍ତିର ବିନାଶର ପ୍ରତୀକ। ପୌରାଣିକ ପରମ୍ପରା ଅନୁଯାୟୀ, ମାଁ କାଳରାତ୍ରୀ ଦୁଷ୍ଟଶକ୍ତିର ବିନାଶ ସହ ଭକ୍ତମାନଙ୍କୁ ଅଭୟ ଓ ମଙ୍ଗଳ ପ୍ରଦାନ କରନ୍ତି। ତାଙ୍କୁ ‘ଶୁଭଙ୍କରୀ’ ମଧ୍ୟ କୁହାଯାଏ। ମା’ଙ୍କ ଆରାଧନା ମନରୁ ଭୟ ଓ ଅଜ୍ଞାନ ଦୂର କରି ସତ୍ୟ, ଧର୍ମ ଓ ନ୍ୟାୟର ପଥରେ ଅଗ୍ରସର ହେବାକୁ ପ୍ରେରଣା ଦିଏ। ନବରାତ୍ରୀର ଏହି ପବିତ୍ର ଅବସରରେ ମା’ଙ୍କ ଦର୍ଶନ ପାଇଁ ଭକ୍ତମାନଙ୍କ ମନରେ ଗଭୀର ଶ୍ରଦ୍ଧା ଓ ଭକ୍ତିଭାବ ପ୍ରକାଶ ପାଇଛି। ସମାଜରେ ଶାନ୍ତି, ସଦ୍‌ଭାବ ଓ ସମୃଦ୍ଧି ସହ ସମସ୍ତଙ୍କ ମଙ୍ଗଳ କାମନା କରି ଭକ୍ତମାନେ ମା’ଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି।

### ଦୁର୍ଗାପୂଜା ସୁରକ୍ଷା ପାଇଁ କମିଶନରେଟ୍ ପୁଲିସର ପ୍ରସ୍ତୁତି

## ୬୦ ପ୍ଲାଟୁନ୍ ଫୋର୍ସ ମୁତୟନ : ୪ ଡ୍ରୋନ୍‌ରେ ଆକାଶମାର୍ଗରୁ ନଜର

**କଟକ, ନ୍ୟୁଜ ବ୍ୟୁରୋ**

ଦୁର୍ଗାପୂଜା ଓ ଭସାଣି ଉତ୍ସବକୁ ଶାନ୍ତିପୂର୍ଣ୍ଣ ଏବଂ ସୁରୁଖୁରୁରେ ସମ୍ପନ୍ନ କରିବା ଲାଗି କଟକରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିଛି କମିସନରେଟ୍ ପୁଲିସ। ସହରରେ ୬୦ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ ସହ ୫୭ଟି ଅସ୍ଥାୟୀ ପୁଲିସ ସହାୟତା କେନ୍ଦ୍ର ଖୋଲାଯିବ। ସମ୍ବେଦନଶୀଳ ଅଞ୍ଚଳରେ ଡ୍ରୋନ୍ ଓ ସିସିଟିଭି ମାଧ୍ୟମରେ ନଜର ରଖାଯିବା ସହ ସାଇବର ଥାନାର ସ୍ୱତନ୍ତ୍ର ଟିମ୍ ସୋସିଆଲ ମିଡିଆ ଉପରେ ଦିନରାତି ନିରୀକ୍ଷଣ କରିବ। ଗତବର୍ଷ ଭସାଣି ସମୟରେ ଉତ୍ତେଜନା ଦେଖାଦେଇଥିବାରୁ ବାରପଥର-କଦମରସୁଲ ରାସ୍ତାରେ ଏଥର ସୁରକ୍ଷାକୁ ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯାଇଛି। ଚଳିତ ବର୍ଷ ପୂଜା ସୁରକ୍ଷାରେ ଓଡ଼ିଶା ସ୍ପେଶାଲ ଆର୍ମଡ୍ ପୁଲିସ (ଓଏସଏପି), ସ୍ପେଶାଲ ଅପରେସନ୍ସ ଗ୍ରୁପ୍ (ଏସଓଜି), କୁଇକ୍ ଆକ୍ସନ ଫୋର୍ସ ଏବଂ ରାପିଡ୍ ଆକ୍ସନ ଫୋର୍ସ (ଆରଏଏଫ୍) ନିୟୋଜିତ ହେବେ। ଏଥିସହ ୪୦ ଜଣ ଡିଏସପି, ୫୫ଜଣ ଇନ୍‌ସପେକ୍ଟର, ୪୦୦ଜଣ ଏସଆଇ ଓ ଏଏସଆଇ, ୮୪ ଜଣ ହାବିଲଦାର, ୬୦୦ଜଣ କନଷ୍ଟେବଲ ଏବଂ ୭୦୦ଜଣ ହୋମଗାର୍ଡ ସୁରକ୍ଷା ଦାୟିତ୍ୱରେ ରହିବେ। ପୂଜା ମଣ୍ଡପ ଓ ପ୍ରମୁଖ ଛକରେ ଭିଡ଼ ନିୟନ୍ତ୍ରଣ ଏବଂ ଟ୍ରାଫିକ୍ ପରିଚାଳନା ପାଇଁ ପ୍ରାୟ ୭୦୦ ପୁଲିସ ସ୍ୱେଚ୍ଛାସେବୀ ନିୟୋଜିତ ହେବେ। ସେମାନଙ୍କୁ ପୂର୍ବରୁ ପରିଚୟପତ୍ର ପ୍ରଦାନ କରାଯାଇଛି। ସମଗ୍ର ସୁରକ୍ଷା ବ୍ୟବସ୍ଥାର ସୁପରିଚାଳନା ପାଇଁ ସହରର ବିଭିନ୍ନ ଥାନାକୁ ୬ଟି ଜୋନ୍ ଓ ୨ଟି ସେକ୍ଟରରେ ବିଭକ୍ତ କରାଯାଇଛି। ୬ଜଣ ଏଡିସିପି କିମ୍ବା ଏଏସପି ପାହ୍ୟାର ଅଧିକାରୀଙ୍କୁ ଏହି ଜୋନ୍‌ଗୁଡ଼ିକର ଦାୟିତ୍ୱ ଦିଆଯାଇଛି। ଡିସିପି ଖିଲାରି ଋଷିକେଶ ଦ୍ୟାନ୍ଦେଓ ସମଗ୍ର ସୁରକ୍ଷା ବ୍ୟବସ୍ଥାର ତଦାରଖ କରିବେ। ସହରରେ ୨୦ଟି ଅତିରିକ୍ତ ପିସିଆର୍ ଭ୍ୟାନ୍, ୩ଟି ସ୍ୱତନ୍ତ୍ର ମୋବାଇଲ୍ ଭ୍ୟାନ୍ ଏବଂ ୪୦ଟି ବାଇକ୍ ପିସିଆର୍ ଦ୍ୱାରା ପାଟ୍ରୋଲିଂ କରାଯିବ। ଭିଡ଼ ଭିତରେ ଚୋରି ଓ ମହିଳାଙ୍କ ପ୍ରତି ଅସଦାଚରଣ ରୋକିବା ପାଇଁ ସାଦା ପୋଷାକରେ ମଧ୍ୟ ପୁଲିସ ମୁତୟନ ରହିବେ। ଟ୍ରାଫିକ୍ ପରିଚାଳନାରେ ୨୦ ଜଣ ଅଧିକାରୀଙ୍କ ସହ ୨୦୦ କର୍ମଚାରୀ ନିୟୋଜିତ ହେବେ। ଅନ୍ୟପକ୍ଷରେ ପୂଜା ଓ ଭସାଣି ସମୟରେ ସାମାଜିକ ଗଣମାଧ୍ୟମରେ ଗୁଜବ, ଉତ୍ତେଜନା ସୃଷ୍ଟିକାରୀ ବାର୍ତ୍ତା କିମ୍ବା ସମ୍ବେଦନଶୀଳ ପ୍ରସଙ୍ଗକୁ ନେଇ ଉତ୍ତେଜନା ବଢ଼ାଇବା ଭଳି ପୋଷ୍ଟ ପ୍ରଚାର କଲେ କଠୋର କାର୍ଯ୍ୟାନୁଷ୍ଠାନ ହେବ। ଏଥିପାଇଁ ସାଇବର ଥାନାରେ ଏକ ସ୍ୱତନ୍ତ୍ର ଟିମ୍ ୨୪ ଘଣ୍ଟା ସୋସିଆଲ ମିଡିଆ ଉପରେ ନଜର ରଖିବ। ସହରର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଓ ସମ୍ବେଦନଶୀଳ ସ୍ଥାନରେ ୫୭ଟି ଅସ୍ଥାୟୀ ପୁଲିସ ସହାୟତା କେନ୍ଦ୍ର ଖୋଲାଯିବ। ଅତି ସମ୍ବେଦନଶୀଳ ସ୍ଥାନରେ ଘରର ଛାତ ଉପରେ ପୁଲିସ ଫୋର୍ସ ମୁତୟନ ସହ ଚାନ୍ଦି ମେଢ଼ ନିକଟରେ ବନ୍ଧୁକଧାରୀ ପୁଲିସ ଜଗିବେ। ଗତବର୍ଷ ଦଶହରା ଭସାଣି ସମୟରେ ବାରପଥର-କଦମରସୁଲ ଅଞ୍ଚଳରେ ଦଙ୍ଗା ସଦୃଶ ପରିସ୍ଥିତି ଓ ତୀବ୍ର ଉତ୍ତେଜନା ସୃଷ୍ଟି ହୋଇଥିଲା। ଏହି ଅଭିଜ୍ଞତାକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ଉକ୍ତ ରାସ୍ତାରେ ସୁରକ୍ଷାକୁ ଅଧିକ ସୁଦୃଢ଼ କରାଯାଇଛି। ଏହି ରାସ୍ତାରେ ୧୮୫ ଜଣ ପୁଲିସ ଅଧିକାରୀ ଓ କର୍ମଚାରୀ ନିୟୋଜିତ ହେବେ। ସେମାନଙ୍କ ମଧ୍ୟରେ ଏଏସପିରୁ ଏଏସଆଇ ପାହ୍ୟା ପର୍ଯ୍ୟନ୍ତ ୪୫ ଜଣ ଅଧିକାରୀ ରହିବେ। ଏଥିସହ ୧୦ ପ୍ଲାଟୁନ୍ ସଶସ୍ତ୍ର ପୁଲିସ ଫୋର୍ସ ଓ ୫ ପ୍ଲାଟୁନ୍ ରାପିଡ୍ ଆକ୍ସନ ଫୋର୍ସ ମୁତୟନ ହେବେ। ଆକାଶମାର୍ଗରୁ ନିରୀକ୍ଷଣ ପାଇଁ ୪ଟି ଡ୍ରୋନ୍ ଉଡ଼ାଯିବ। ଅତିରିକ୍ତ ପୁଲିସ କମିସନର ନରସିଂହ ଭୋଳଙ୍କ ସହ ଦୁଇ ଜଣ ଡିସିପି ପାହ୍ୟାର ଅଧିକାରୀ ଏହି ରାସ୍ତାର ସୁରକ୍ଷା ଦାୟିତ୍ୱରେ ରହିବେ। ରାସ୍ତାର ଉଭୟ ପାର୍ଶ୍ୱରେ ବ୍ୟାରିକେଡ୍ ଲଗାଯାଇ ଭିଡ଼ ଓ ଯାତାୟାତ ନିୟନ୍ତ୍ରଣ କରାଯିବ। ବକ୍ସିବଜାର, ବାରପଥର, ତିନିକୋଣିଆ ବଗିଚା, ବାଉଁଶ ଗଳି, ହାତୀ ପୋଖରୀ, କଦମରସୁଲ, ଚାନ୍ଦିନୀଚୌକ, ଚୌଧୁରୀ ବଜାର, ଜାଉଁଳିଆପଟି, ହରିପୁର ଓ ସୟଦ ସେମିନାର ଛକ ସମେତ ବିଭିନ୍ନ ସ୍ଥାନରେ ପ୍ରାୟ ୧୦୦ଟି ସିସିଟିଭି କ୍ୟାମେରା ଲଗାଯିବ। ଡିସିପିଙ୍କ ଆଧୁନିକ କଣ୍ଟ୍ରୋଲ୍ ରୁମ୍‌ରୁ ପୁଲିସ ଅଧିକାରୀମାନେ ଏହି କ୍ୟାମେରାଗୁଡ଼ିକ ଉପରେ ୨୪ ଘଣ୍ଟା ନଜର ରଖିବେ। ଶୁକ୍ରବାର ଇନ୍‌ଡୋର ଷ୍ଟାଡିୟମ୍‌ରେ ଆୟୋଜିତ ପୁଲିସ ବ୍ରିଫିଂରେ ପୁଲିସ କମିସନର ଏସ୍. ଦେବଦତ୍ତ ସିଂହ, ଅତିରିକ୍ତ ପୁଲିସ କମିସନର ନରସିଂହ ଭୋଳ ଏବଂ ଡିସିପି ଖିଲାରି ଋଷିକେଶ ଦ୍ୟାନ୍ଦେଓ ଏହି ସୁରକ୍ଷା ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଛନ୍ତି। ଆସନ୍ତା ୨୨ ତାରିଖରେ ଭସାଣି ଉତ୍ସବ ପାଇଁ ମଧ୍ୟ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ପୂଜା ଓ ଭସାଣି ସମୟରେ କୌଣସି ପ୍ରକାର ବିଶୃଙ୍ଖଳାକୁ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି ପୁଲିସ ପକ୍ଷରୁ ସ୍ପଷ୍ଟ କରାଯାଇଛି।

### ଗୁରୁ ପଦ୍ମ ସମ୍ଭବ ପ୍ରଚାର ସମିତି ପକ୍ଷରୁ ଦୁଇଦିନିଆ ସମର୍ପଣ ଉତ୍ସବ

## ପଶ୍ଚିମ ଓଡ଼ିଶାର ବୌଦ୍ଧ ଇତିହାସକୁ ଲୋକ ଲୋଚନକୁ ଆଣିବାକୁ ଚେଷ୍ଟା

**ସମ୍ବଲପୁର ନ୍ୟୁଜ୍ ବ୍ୟୁରୋ**



ସତ୍ୟନାରାୟଣ ସମ୍ବଲପୁରୀ ଡେରାରେ ଅନୁଷ୍ଠିତ ଗୁରୁ ପଦ୍ମ ସମ୍ଭବ ପ୍ରଚାର ସମିତିର ବୈଠକରେ ୧୧ତମ ସମର୍ପଣ ଉତ୍ସବର ରୂପରେଖ ଉପରେ ଆଲୋଚନା କରାଯାଇଥିଲା। ଚଳିତ ଅକ୍ଟୋବର ୩୧ ଏବଂ ନଭେମ୍ବର ଏକ ତାରିଖରେ ଦୁଇଦିନିଆ ୧୧ତମ ସମର୍ପଣ ଉତ୍ସବ ଆୟୋଜନ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସମିତିର ଆବାହକ ଭବାନୀଶ ଭୋଇଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ବିଗତ ଦଶବର୍ଷ ଧରି ଆୟୋଜିତ ସମର୍ପଣ ଉତ୍ସବ ବିଷୟରେ ସୂଚନା ଦିଆଯାଇଥିଲା। ପଶ୍ଚିମ ଓଡ଼ିଶାର ବୌଦ୍ଧ ଇତିହାସକୁ ଲୋକ ଲୋଚନକୁ ଆଣିବା ସହିତ ସମ୍ବଲପୁତ୍ର ଗୁରୁ ପଦ୍ମ ସମ୍ଭବ, ରାଜା ଇନ୍ଦ୍ର ଭୂତି, ଲକ୍ଷ୍ମୀ କରାଙ୍କ ସହିତ ତତ୍କାଳୀନ ସମୟର ଇତିହାସକୁ ଲୋକ ଲୋଚନକୁ ଆଣିବା ପାଇଁ ଭାରତୀ ସମାଜ ପକ୍ଷରୁ ଉଦ୍ୟମ କରାଯାଉଛି। ଏଥିପାଇଁ ସ୍ୱତନ୍ତ୍ର ଭାବେ ଗୁରୁ ପଦ୍ମ ସମ୍ଭବ ପ୍ରଚାର ସମିତି ଗଠନ କରାଯାଇ ଏହି ଦିଗରେ ଚେଷ୍ଟା କରାଯାଉଛି। କାର୍ଯ୍ୟକ୍ରମରେ ପଶ୍ଚିମାଞ୍ଚଳର ଭିନ୍ନଭିନ୍ନ ଅଞ୍ଚଳର ୭ମ ଶତାବ୍ଦୀର ପୁରାତନ ଇତିହାସ ବିଷୟରେ ସ୍ଥାନୀୟ ଲୋକମାନଙ୍କ ଠାରୁ ଲୋକ କଥା/ ଇତିହାସ ସଂଗ୍ରହ କରାଯିବ । ଏଥିପାଇଁ ପଶ୍ଚିମାଞ୍ଚଳର ଭିନଭିନ ଜିଲ୍ଲାର ଗାଁ ଗୁଡିକରୁ ଲୋକଙ୍କୁ ଭେଟି ତଥ୍ୟ ସଂଗ୍ରହ କରାଯାଉଛି । ପଶ୍ଚିମ ଓଡ଼ିଶାର ବୌଦ୍ଧ କରିଡ଼ରକୁ ବିକଶିତ କରି ପର୍ଯ୍ୟଟନର ବିକାଶ ନେଇ ଲକ୍ଷ୍ୟ ରଖାଯାଇଥିବା ବୈଠକରେ ଆଲୋଚନା ହୋଇଥିଲା। ଏହି ବୈଠକରେ ସମିତିର ସଦସ୍ୟ ଡ଼. ସ୍ୱୟଂ ପ୍ରକାଶ ପଣ୍ଡା, ଗୋପବନ୍ଧୁ ସେନାପତି, ସୁବୋଧ କୁମାର ଦୋରା, ମାନସ ରଞ୍ଜନ ବକ୍ସି, ରାହୁଲ ଗୁପ୍ତା, ରାଜେଶ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହିଥିଲେ।

## ନାବାଳିକା ଦୁଷ୍କର୍ମ ମାମଲାରେ ଦୋଷୀଙ୍କୁ ୨୦ ବର୍ଷ ଜେଲ୍



**କଟକ, ନ୍ୟୁଜ ବ୍ୟୁରୋ**

କଟକ ଜିଲ୍ଲା ବଡ଼ମ୍ବା ଥାନା ଅଞ୍ଚଳରେ ୨୦୧୨ ମସିହାରେ ଘଟିଥିବା ନାବାଳିକା ଦୁଷ୍କର୍ମ ମାମଲାରେ ଦୋଷୀଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ହୋଇଛି। ଏଥି ସହ ୪୦ ହଜାର ଟଙ୍କା ଜରିମାନା ଏବଂ ପୀଡ଼ିତାଙ୍କୁ ୩ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି । କଟକର ଆଡ୍‌ହକ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ (ଏଫ୍‌ଟିଏସ୍‌ସି-୨) ସବିତା ଦାସ ଏହି ରାୟ ଶୁଣାଇଛନ୍ତି। ଦଣ୍ଡାଦେଶ ପାଇଥିବା ଅଭିଯୁକ୍ତ ହେଉଛନ୍ତି ବଡ଼ମ୍ବା ଥାନା ଅଞ୍ଚଳର ଜାନିସାହି ବାସିନ୍ଦା ବିଦ୍ୟାଧର ସେଣ ଓରଫ୍ କୁନା (୪୬)। ଭାରତୀୟ ଦଣ୍ଡବିଧି ଆଇନର ଧାରା ୩୭୬(୨)(ଆଇ) ଏବଂ ପୋକ୍ସୋ ଆଇନର ଧାରା ୬ ଅନୁଯାୟୀ ଅଦାଲତ ତାଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଜରିମାନା ଅର୍ଥ ପୈଠ ନକଲେ ତାଙ୍କୁ ଅତିରିକ୍ତ ୬ ମାସ କଠିନ କାରାଦଣ୍ଡ ଭୋଗିବାକୁ ପଡ଼ିବ। ଜରିମାନା ଅର୍ଥ ଆଦାୟ ହେଲେ ତାହା ପୀଡ଼ିତାଙ୍କୁ କ୍ଷତିପୂରଣ ଭାବେ ପ୍ରଦାନ କରାଯିବ। ମାମଲାର ବିବରଣୀ ଅନୁଯାୟୀ, ୨୦୧୨ ଡିସେମ୍ବର ୪ ତାରିଖ ସକାଳ ପ୍ରାୟ ୯ଟାରେ ଏହି ଘଟଣା ଘଟିଥିଲା। ସେତେବେଳେ ୧୬ ବର୍ଷୀୟା ପୀଡ଼ିତା ପ୍ରାତଃକର୍ମ ସାରି ଗାଁ ନିକଟସ୍ଥ ପାହାଡ଼ ଆଡ଼କୁ ଯାଉଥିବା ସମୟରେ ଅଭିଯୁକ୍ତ ତାଙ୍କୁ ଦୁଷ୍କର୍ମ କରିଥିବା ଏତଲାରେ ଉଲ୍ଲେଖ ହୋଇଥିଲା। ଏହି ଘଟଣା ପରେ ମାନସିକ ଭାବେ ଭାଙ୍ଗିପଡ଼ି ପୀଡ଼ିତା ଘରେ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ପରିବାର ସଦସ୍ୟ ତାଙ୍କୁ ଏଥିରୁ ନିବୃତ୍ତ କରିବା ପରେ ସେ ଘଟଣା ସମ୍ପର୍କରେ ସବୁ କଥା ଜଣାଇଥିଲେ। ଏହାପରେ ସେହିଦିନ ବଡ଼ମ୍ବା ଥାନାରେ ଅଭିଯୋଗ ଦାଖଲ ହୋଇଥିଲା। ମାମଲାର ବିଚାର ସମୟରେ ମୋଟ ୧୪ ଜଣ ସାକ୍ଷୀଙ୍କ ବୟାନ ଏବଂ ବିଭିନ୍ନ ଦସ୍ତାବିଜ୍‌କୁ ଆଧାର କରି ଅଦାଲତ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ମିହିର ଶେଖର ସାହୁ ମାମଲା ପରିଚାଳନା କରୁଥିଲେ।

## ଜଙ୍ଗଲ ଉଜୁଡୁଛି : ଜୀବନ ବିପନ୍ନ

**ଉମରକୋଟ, ନ୍ୟୁଜ ବ୍ୟୁରୋ**

### ଶାଳ ଗଛ ଧ୍ୱଂସ : ଆମ ପରିବେଶ ଓ ଜିଲ୍ଲା ପାଇଁ ଆଣିବ ଭୟଙ୍କର ବିପଦ



ବଣ, ପାହାଡ଼ ଏବଂ ସବୁଜ ଜଙ୍ଗଲ ହେଉଛି ଆମ ଜିଲ୍ଲାର ପ୍ରକୃତିର ପ୍ରକୃତ ଶୋଭା ଏବଂ ଜୀବନରେଖା। ସୂଚନା ଅନୁଯାୟୀ, ଉମରକୋଟ ରେଞ୍ଜ ଅଧୀନ କୋପେନା ପଞ୍ଚାୟତର ନୂଆପରା (ତାରଗା ଫରେଷ୍ଟ ବିଟ୍) ଏବଂ ବେହେଡ଼। ପଞ୍ଚାୟତର ଲିମାଗୁଡ଼ା ଗାଁ ଜଙ୍ଗଲରେ ପ୍ରାୟ ୫ ଏକରରୁ ଅଧିକ ଅଞ୍ଚଳରେ ଶହ ଶହ ମୂଲ୍ୟବାନ ତଥା ୪୦ ବର୍ଷରୁ ଅଧିକ ପୁରୁଣା ଶାଳ ଗଛକୁ ବେଆଇନ ଭାବେ କାଟି ଦିଆଯାଇଛି। କେତେକ ଲୋକ ଗଛର ବଡ଼ ବଡ଼ ଗଣ୍ଡିକୁ କାଟି ନିଜ ଘର ଦାଣ୍ଡରେ ଲୁଚାଇ ରଖିଥିବା ଦେଖିବାକୁ ମିଳିଛି। ଯଦି ଏହିପରି ଭାବେ ନିରନ୍ତର ଜଙ୍ଗଲ ଉଜୁଡ଼ି ଚାଲେ, ତେବେ ଆମ ସମଗ୍ର ଅଞ୍ଚଳକୁ ଏହାର କୁପ୍ରଭାବ ଭୋଗିବାକୁ ପଡ଼ିବ:

ଜଳସଙ୍କଟ ଓ ଭୂତଳ ଜଳସ୍ତର ହ୍ରାସ: ଗଛଗୁଡ଼ିକ ମାଟିକୁ ଆବୋରି ରଖିବା ସହିତ ବର୍ଷାଜଳକୁ ଭୂତଳକୁ ଯିବାରେ ସାହାଯ୍ୟ କରନ୍ତି। ଜଙ୍ଗଲ କଟିଗଲେ ଭୂତଳ ଜଳସ୍ତର ନିମ୍ନଗାମୀ ହେବ, ଯାହାଫଳରେ ଆଗାମୀ ଦିନରେ ପାନୀୟ ଜଳ ଏବଂ କୃଷି ପାଇଁ ଭୟଙ୍କର ଜଳସଙ୍କଟ ଦେଖାଦେବ।

ଜଳବାୟୁ ପରିବର୍ତ୍ତନ ଓ ଗ୍ରୀଷ୍ମ ପ୍ରବାହ: ଜଙ୍ଗଲ ନଷ୍ଟ ହେବା କାରଣରୁ ଅଞ୍ଚଳର ତାପମାତ୍ରା ବୃଦ୍ଧି ପାଇବ, ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେବ ଏବଂ ବର୍ଷାର ପରିମାଣ କମିଯିବ।

ବନ୍ୟଜନ୍ତୁଙ୍କ ଆଶ୍ରୟସ୍ଥଳ ନଷ୍ଟ: ଶାଳ ଜଙ୍ଗଲ ହେଉଛି ଅନେକ ବନ୍ୟଜନ୍ତୁ ଓ ପକ୍ଷୀଙ୍କ ପ୍ରାକୃତିକ ବାସସ୍ଥାନ। ଜଙ୍ଗଲ କଟିବା ଦ୍ୱାରା ସେମାନଙ୍କ ଜୀବନ ବିପନ୍ନ ହେବ ଏବଂ ବନ୍ୟଜନ୍ତୁମାନେ ଜଙ୍ଗଲ ଛାଡ଼ି ଗାଁ ଆଡ଼କୁ ମାଡ଼ିଆସିବାର ଆଶଙ୍କା ରହିଛି।

ଜନସାଧାରଣଙ୍କ ପ୍ରତି ସଚେତନତା ଓ ଆହ୍ୱାନ (ଗଛ କାଟନ୍ତୁ ନାହିଁ, ଜଙ୍ଗଲ ବଞ୍ଚାନ୍ତୁ):

‘ଗଛ ଆମର ଜୀବନ, ଜଙ୍ଗଲ ଆମର ମାଆ।’

ଆମର ଆଗାମୀ ପିଢ଼ିର ସୁରକ୍ଷା ଏବଂ ଏକ ସୁସ୍ଥ ପରିବେଶ ପାଇଁ ଜଙ୍ଗଲକୁ ବଞ୍ଚାଇ ରଖିବା ଆମ ସମସ୍ତଙ୍କର ମୌଳିକ କର୍ତ୍ତବ୍ୟ। କିଛି ବ୍ୟକ୍ତିଙ୍କ ସ୍ୱାର୍ଥ ପାଇଁ ମୂଲ୍ୟବାନ ଶାଳ ଜଙ୍ଗଲକୁ ଧ୍ୱଂସ କରିବା ମାନେ ନିଜ ଗୋଡ଼ରେ ନିଜେ କୁରାଢ଼ୀ ମାରିବା ସହ ସମାନ।

ଆମର ନିବେଦନ: କେହି ମଧ୍ୟ ବେଆଇନ ଭାବେ ଗଛ କାଟନ୍ତୁ ନାହିଁ କିମ୍ବା ଜଙ୍ଗଲର କ୍ଷତି କରନ୍ତୁ ନାହିଁ। ଯଦି କେହି ଜଙ୍ଗଲ ନଷ୍ଟ କରୁଛନ୍ତି କିମ୍ବା ଗଛ କାଟୁଛନ୍ତି, ତେବେ ତଙ୍କ୍ଷଣାତ୍ କିମ୍ବା ବନ ବିଭାଗକୁ ଖବର ଦେବାକୁ ନିବେଦନ। ଆସନ୍ତୁ, ସମସ୍ତେ ମିଶି ଅଧିକରୁ ଅଧିକ ଗଛ ଲଗାଇବା ଏବଂ ଆମ ଅଞ୍ଚଳର ଜଙ୍ଗଲକୁ ସୁରକ୍ଷା ଦେବା।

### ସୋନପୁର ବ୍ଲକ ଛକ ଦୁର୍ଗା ପୂଜା ପାଇଁ ସାମ୍ବାଦିକ ସମ୍ମିଳନୀ

## ଚଳିତ ବର୍ଷ ପୂଜାର ବଜେଟ ୨୭ଲକ୍ଷ

**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**



ସୋନପୁର ସହରରେ ଚଳିତବର୍ଷ ବ୍ଲକଛକ ଦୁର୍ଗାପୂଜା କମିଟି ପକ୍ଷରୁ ଏଥର ଅନ୍ୟୁନ ୨୭ଲକ୍ଷ ଟଙ୍କାର ବଜେଟ ଆକଳନ କରାଯାଇଛି । ଆକର୍ଷଣୀୟ ସାଜସଜ୍ଜା ସହ ସାଂସ୍କୃତିକ କାର୍ଯ୍ୟକ୍ରମରେ ଏଥର ବଲିଉଡ୍ ସିଙ୍ଗର ଅରୁନିତା କାଞ୍ଜିଲାଲ୍‌ଙ୍କ ପ୍ରୋଗ୍ରାମ ଥିବା ଯୋଗୁଁ ଲକ୍ଷାଧିକ ଦର୍ଶକଙ୍କ ଭିଡ ଜମିବା ଆଶାକରାଯାଉଛି । ରବିବାରରେ ପାରାୟଣ ଗାୟୀକା ପ୍ରୀତିନନ୍ଦା ମିଶ୍ର ଓ ସହ ଗାୟୀକା ଶୃତିନନ୍ଦା ମିଶ୍ରଙ୍କ ଦ୍ୱାରା ସୁନ୍ଦରାକାଣ୍ଡ ପରିବେଷଣ ହୋଇଥିବାବେଳେ ସୋମବାର ପଦ୍ମମାଧବ ଭଜନ ସଂଧ୍ୟା ଓ ବଡିବିଲ୍ଡିଂ ପ୍ରତିଯୋଗିତା ମିଷ୍ଟର ସୁବର୍ଣ୍ଣପୁରରେ ଅନୁଷ୍ଠିତ ଅନୁଷ୍ଠିତ ହୋଇଯାଇଛି। ସେହିପରି ମଙ୍ଗଳବାର ସମ୍ବଲପୁରୀ ଅର୍କେଷ୍ଟ୍ରା ସୁର୍ ମେଲୋଡି ବୁଧବାର ବହୁ ପ୍ରତିକ୍ଷିତ ରାବଣପୋଡି ମହୋତ୍ସବ ଅନୁଷ୍ଠିତ ହେବା ସହ ଚଳିତ ବର୍ଷ ରାବଣ ଭୂମିକାରେ ନାଟ୍ୟଶ୍ରୀ ଦେବରାଜ ଛତ୍ରୀଆଙ୍କ ଦମଦାର୍ ରାବଣ ଦରବାର ପରିବେଷଣ ହେବ। ଗୁରୁବାର ଇଣ୍ଡିଏଲ୍ ଆଇଡଲ୍ ଅରୁନିତା କାଞ୍ଜିଲାଲ୍‌ଙ୍କ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ସୁବର୍ଣ୍ଣପୁର ଜିଲ୍ଲାର ଓଡ଼ିଶା ପ୍ରଶାସନିକ ସେବାରେ କୃତକାର୍ଯ୍ୟ ହୋଇଥିବା ନିତିଶ କୁମାର ବାରିକ ଓ ଶିତଲ କୁଶଳ ଓ କଳା, ସଂସ୍କୃତି, ସାହିତ୍ୟ ଓ କ୍ରୀଡାରେ ବିଭିନ୍ନ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯିବ। ବିଶେଷ କରି ଜିଲ୍ଲାର ଡୁଙ୍ଗୁରିପାଲି ବ୍ଲକ ଅନ୍ତର୍ଗତ ପଣ୍ଡକିଟାଲ୍‌ର ପର୍ବତାରୋହୀ ସୋନାଲି ଭୋଇଙ୍କ ସଫଳତା ଯୋଗୁଁ ସେ ଏବେ ସର୍ବ ଭାରତୀୟ ପର୍ବତାରୋହୀଙ୍କ ମଧ୍ୟରେ ଏକ ଚର୍ଚ୍ଚିତ ଚେହେରା ଭାବରେ ଏବେ ସୁବର୍ଣ୍ଣପୁର ଜିଲ୍ଲାର ଗୌରବ ବୃଦ୍ଧି କରିଥିବା ଯୋଗୁଁ ତାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି। ଏହି ସମ୍ମିଳନୀରେ ସଭାପତି ଅରବିନ୍ଦ ବାରିକ, ସଂପାଦକ ନିଶାନ୍ତ କୁମାର ମହାନ୍ତି, କୋଷାଧ୍ୟକ୍ଷ ଦିଲ୍ଲୀପ ପାତ୍ର, ମିଡିଆ ସଂଯୋଜକ ସ୍ୱାଧୀନ ମେହେର, ଡଃ ଜ୍ୟୋତି ରଞ୍ଜନ ବହିଦାର, ଶରତ ମହାପାତ୍ର, ଅମିୟ ରଞ୍ଜନ ଦାଶ, ଜ୍ୟୋତିର୍ମୟ ମିଶ୍ର, ଦେବାଶିଷ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




ସନ- ୧୪୩୪ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୭୧ଙ୍କ

**ତା୧୯।୧୦।୨୦୨୬, କାର୍ତ୍ତିକ ଦ୩ନ, ସୋମବାର**

**ସୂର୍ଯ୍ୟୋଦୟ- ଘ ୫।୪୩।୩୫ ଚନ୍ଦ୍ରୋଦୟ- ଦିଘ୧୨।୫୩।୫୯**

ଅଷ୍ଟମୀ ଦିଘ ୧୦।୫୪ ପର୍ଯ୍ୟନ୍ତ। ଉତ୍ତରାଷାଢ଼ା ନକ୍ଷତ୍ର ଦିଘ ୩।୪୦ ପର୍ଯ୍ୟନ୍ତ। ମକର ଚନ୍ଦ୍ର ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, କର୍କଟ, କନ୍ୟା, ବିଛା, ଧନୁ, ମକର, ମୀନ ରାଶିର । **ଘାତଚନ୍ଦ୍ର-** ସିଂହ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ନବମୀର ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ନଡ଼ିଆ ଦିଘ ୧୦।୫୪ ଗତେ ଲାଉ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୪୮ ଗତେ ଦିଘ ୭।୧୪ ମଧ୍ୟେ। ଦିଘ ୮।୫୧ ଗତେ ଦିଘ ୧୧।୧୦ ମଧ୍ୟେ। **ପର୍ବୋତ୍ସବ-** ପୀଠେ ଶ୍ରୀ ଦୁର୍ଗା ଦେବ୍ୟାଃ ମହାନବମୀ, ମୃଣ୍ମୟୀ ଦେବୀଙ୍କର ଅଷ୍ଟମୀ ପୂଜା।



**ମେଷ:** କର୍ମକ୍ଷେତ୍ରରେ ଅବସ୍ଥା ଦେଖି ବ୍ୟବସ୍ଥା କରିବେ। ଆୟ ଓ ବ୍ୟୟ ସମାନ ରହିବ। ଘରେ ଆନନ୍ଦ ଦେଖାଦେବ। ମାଙ୍ଗଳିକ କାର୍ଯ୍ୟ ନିମନ୍ତେ ଦିନଟି ଅନୁକୂଳ ହେବ। ମନ ଭଲ ରହିବ।



**ବୃଷ:** ଶରୀର ସୁସ୍ଥ ରହିବ। ପରିଶ୍ରମର ପରିମାଣ ବଢିବ। ଅଯଥାରେ ଦୂରକୁ ଯାତ୍ରା କରିପାରନ୍ତି। ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ। ପରିବାରରେ ପିଲାଙ୍କ ପାଇଁ ଚିନ୍ତିତ ହୋଇପାରନ୍ତି।



**ମିଥୁନ:** ବ୍ୟବସାୟରେ ଲାଭବାନ ହେବେ। ହଠାତ କୌଣସି ଖବର ପାଇ ଚିନ୍ତିତ ହୋଇପାରନ୍ତି। ରୋଜଗାର ଭଲ ହେବ। ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବାର ସୂଚନା। ବନ୍ଧୁ ଦର୍ଶନ।



**କର୍କଟ:** ଦାମ୍ପତ୍ୟ ଜୀବନ ସୁଖମୟ ହେବ। କର୍ମକ୍ଷେତ୍ରରେ ଅସନ୍ତୋଷ ଦେଖାଦେଇପାରେ। ଦେହ ଓ ମନ ଭଲ ରହିବ। ଆର୍ଥିକ ସ୍ଥିତି ଭଲ ରହିବ। ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବାର ସୂଚନା।



**ସିଂହ:** ଆଜି ଆପଣଙ୍କର ଘାତଚନ୍ଦ୍ର। ଏଣୁ ସାବଧାନତା ଅବଲମ୍ବନୀୟ। ସତକଥା କହି ନିଜର ଲୋକଙ୍କ ପାଖେ ବିରୋଧୀ ହୋଇପାରନ୍ତି। ଖର୍ଚ୍ଚର ପରିମାଣ ବଢିବ। ଘରେ କଳହ ଦେଖାଦେଇପାରେ।



**କନ୍ୟା:** ବେପାର ବାଣିଜ୍ୟରେ ମଧ୍ୟମ ଧରଣର ଫଳ ପ୍ରାପ୍ତ ହେବ । ଆୟ ଅପେକ୍ଷା ବ୍ୟୟର ମାତ୍ରା ଅଧିକ ହେବ । ଘରେ ବିଶୃଙ୍ଖଳା ଦେଖାଦେବ। ମାଲିମୋକଦ୍ଦମା କ୍ଷେତ୍ରରେ ଶୁଣାଣି ବିଳମ୍ବ ହେବ।



**ତୁଳା:** ବ୍ୟବସାୟରେ ଲାଭବାନ ହେବେ । ଦେହ ଓ ମନ ଭଲ ରହିବ । ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ । ଭ୍ରମଣ ଯୋଗ ମଧ୍ୟ ରହିଛି। ଆୟର ପରିମାଣ ବୃଦ୍ଧି ପାଇବ।



**ବିଛା:** ବ୍ୟବସାୟରେ ଲାଭର ଆଶା କମ୍ । ବ୍ୟୟର ମାତ୍ରା ବଢିବ। ବନ୍ଧୁଙ୍କ ସହ ମତଭେଦ ବୃଦ୍ଧି ହୋଇପାରେ। ଶତ୍ରୁଙ୍କ ଠାରୁ ସତର୍କ ରହିବେ । ମାଲିମକଦ୍ଦମାରେ ଶୁଣାଣି ବିଳମ୍ବ ହେବ।



**ଧନୁ:** ମାଙ୍ଗଳିକ କାର୍ଯ୍ୟରେ ଯୋଗଦେଇ ପାରନ୍ତି । କର୍ମକ୍ଷେତ୍ରରେ ଉନ୍ନତି ଦେଖାଦେବ । ଆୟ ଓ ବ୍ୟୟ ମଧ୍ୟମ ଧରଣର ହେବ। ଘରେ ଖୁସି ଦେଖାଦେବ। ଶୁଭ ଖବର ମଧ୍ୟ ପାଇପାରନ୍ତି ।



**ମକର:** କାର୍ଯ୍ୟକ୍ଷେତ୍ରରେ ସଫଳତା ଦେଖାଦେବ। ସାମାଜିକ କ୍ଷେତ୍ରରେ ସମ୍ମାନିତ ହେବେ । ନୂତନ ଦ୍ରବ୍ୟମାନ କ୍ରୟ କରିପାରନ୍ତି । ରୋଜଗାର ଭଲ ହେବ । ଗୃହେ ଖୁସିର ବାତାବରଣ ଖେଳିଯିବ ।



**କୁମ୍ଭ:** ଶତ୍ରୁ ନାଶ ହେବେ । ପରିଶ୍ରମ ଅନୁଯାୟୀ ପାରିଶ୍ରମିକ ପାଇ ଉପକୃତ ହେବେ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ଜୀବନ ସୁଖମୟ ହେବ । ଦେବ ଦର୍ଶନ ସହ ସେବା ପୂଜା ମଧ୍ୟ କରିପାର ।



**ମୀନ:** ବେପାର ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦେଖାଦେବ। ଅଳସୁଆ ହେବେ । ଖର୍ଚ୍ଚର ମାତ୍ରା ଅଧିକ ହେବ । ଘରେ କଳହ ଓ ଅଶାନ୍ତି ଦେଖାଦେବ । ଅଯଥାରେ ଦୂରକୁ ଯାତ୍ରା କରିବାକୁ ପଡିପାରେ ।



## ଏକ କ୍ୱିଣ୍ଟାଲରୁ ଉର୍ଦ୍ଧ୍ୱ ମା’ ଦୁର୍ଗାଙ୍କ ପିତ୍ତଳ ମେଢ଼ ଉଦ୍‌ଘାଟିତ

**ଚୌଦ୍ୱାର, ନ୍ୟୁଜ ବ୍ୟୁରୋ**

ଚୌଦ୍ୱାର ପୌରପାଳିକା ଗୁପ୍ତେଶ୍ୱର ସାହି ଦୁର୍ଗାଙ୍କର ପିତ୍ତଳ ମେଢ଼ ଉଦ୍‌ଘାଟିତ ହୋଇଯାଇଛି। ଗୁପ୍ତେଶ୍ୱର ସାହି ପୂଜା କମିଟି ସଭାପତି ସଭାପତି ବିଷ୍ଣୁ ଚରଣ ପରିଡ଼ାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନବ ନିର୍ମିତ ଏକ କ୍ୱିଣ୍ଟାଲ ୪୦କେଜି ଓଜନର ମା’ଙ୍କ ସୁଦୃଶ୍ୟ ପିତ୍ତଳ ମେଢ଼କୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, କଟକ ଜିଲ୍ଲା କଂଗ୍ରେସ ସଭାପତି ପ୍ରଦୀପ୍ତ ଦାସ, ଡ. ଆଲୋକ ସାହୁ, ରୂପଯାତ୍ରା କମିଟି ଉପଦେଷ୍ଟା ବୈକୁଣ୍ଠନାଥ ପୃଷ୍ଟି, କାର୍ଯ୍ୟକାରୀ ସଭାପତି ପ୍ରଦୀପ ନାୟକ, ସମ୍ପାଦକ ନାରାୟଣ ସ୍ୱାଇଁ ପ୍ରମୁଖ ଏଥିରେ ଅତିଥି ଭାବେ ଯୋଗଦେଇ ମେଢ଼ କମିଟିର ପ୍ରୟାସକୁ ପ୍ରଶଂସା କରିଥିଲେ । ଅଜିତ୍ କୁମାର ସ୍ୱାଇଁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କ୍ଷୀରୋଦ ଚନ୍ଦ୍ର ନାୟକ, ବାଉରିବନ୍ଧୁ ବେଉରା, ରଘୁନାଥ ପରିଡ଼ା, ବାଉରିବନ୍ଧୁ ବେହେରା, ପ୍ରଶାନ୍ତ କୁମାର ସ୍ୱାଇଁ ପ୍ରମୁଖ ସଦସ୍ୟ ସହଯୋଗ କରିଥିଲେ।

32 YEARS
ସମ୍ବାଦ କଳିକା
ଖେଳ
ଭୁବନେଶ୍ୱର, ୧୯ ଅକ୍ଟୋବର, ସୋମବାର, ୨୦୨୬
ପୃଷ୍ଠା – ୬

# ଜିମ୍ବାୱେକୁ ହରାଇ ସିରିଜ୍ କବ୍‌ଜା କଲା ଭାରତ



**ନୂଆଦିଲ୍ଲୀ**

ଜିମ୍ବାୱେ ବିପକ୍ଷ ଦ୍ୱିତୀୟ ଟି-୨୦ ମ୍ୟାଚ୍‌ରେ ଭାରତୀୟ ମହିଳା ଦଳର ଦମ୍‌ଦାର ବିଜୟ ହୋଇଛି । ଭାରତ ୯ ୱିକେଟ୍‌ରେ ଜିମ୍ବାୱେକୁ ପରାସ୍ତ କରିବା ସହ ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ରେ ୨-୦ରେ ଅପରାଜେୟ ଅଗ୍ରଣୀ ହାସଲ କରିଛି । ସ୍ମୃତି ମନ୍ଧାନା ଓ ଶେଫାଳି ବର୍ମାଙ୍କ ବିସ୍ଫୋରକ ବ୍ୟାଟିଂ ଯୋଗୁଁ ଭାରତ ମାତ୍ର ୮.୫ ଓଭରରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା ।

ପ୍ରଥମେ ବ୍ୟାଟିଂ କରି ଭାରତୀୟ ବୋଲରଙ୍କ ଦମ୍‌ଦାର ପ୍ରଦର୍ଶନ ଯୋଗୁଁ ଜିମ୍ବାୱେ ମାତ୍ର ୧୦୨ ରନ୍‌ରେ ଅଲ୍‌ଆଉଟ୍ ହୋଇଥିଲା । ଜବାବରେ ଭାରତ ଆକ୍ରମଣାତ୍ମକ ବ୍ୟାଟିଂ କରି ସହଜରେ ବିଜୟ ହାସଲ କରିଥିଲା । ଯୁବ ଓପନର ଶେଫାଳି ବର୍ମା ନିଜ ବ୍ୟାଟିଂରେ ଜିମ୍ବାୱେ ବୋଲରଙ୍କୁ ନାକେଦମ୍ କରିଦେଇଥିଲେ । ସେ ମାତ୍ର ୨୪ଟି ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିଲେ । ଏହା ମହିଳା ଟି-୨୦ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ଭାରତ ପାଇଁ ତୃତୀୟ ଦ୍ରୁତତମ ଅର୍ଦ୍ଧଶତକ ।

ଶେଫାଳି ୨୫ଟି ବଲ୍‌ରୁ ୫୫ ରନ୍‌ର ଧୂଆଁଧାର ଇନିଂସ୍ ଖେଳିଥିଲେ । ତାଙ୍କ ଇନିଂସ୍‌ରେ ୬ଟି ଚୌକା ଓ ୪ଟି ଛକା ସାମିଲ ଥିଲା । ତାଙ୍କ ଷ୍ଟ୍ରାଇକ୍ ରେଟ୍ ୨୨୦ ରହିଥିଲା । ଅନ୍ୟପଟେ ଅଧିନାୟିକା ସ୍ମୃତି ମନ୍ଧାନା ମଧ୍ୟ ଜବରଦସ୍ତ ବ୍ୟାଟିଂ କରିଥିଲେ । ସେ ୨୫ଟି ବଲ୍‌ରୁ ୪୭ ରନ୍ କରି ଅପରାଜିତ ରହିଥିଲେ । ତାଙ୍କ ଇନିଂସ୍‌ରେ ୬ଟି ଚୌକା ଓ ୨ଟି ଛକା ଥିଲା । ଦୁହେଁ ପ୍ରଥମ ୱିକେଟ୍ ପାଇଁ ମାତ୍ର ୪୭ଟି ବଲ୍‌ରେ ୯୬ ରନ୍ ଯୋଡ଼ି ଭାରତର ବିଜୟକୁ ସହଜ କରିଦେଇଥିଲେ । ପରେ ଶେଫାଳି ଆଉଟ୍ ହୋଇଥିଲେ ମଧ୍ୟ ଭାରତର ବିଜୟରେ କୌଣସି ପ୍ରଭାବ ପଡ଼ିନଥିଲା ।

ଏହି ବିଜୟ ସହ ଭାରତ ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌କୁ ୨-୦ରେ ନିଜ ନାମରେ କରିନେଇଛି । ସ୍ମୃତି ମନ୍ଧାନାଙ୍କ ଅଧିନାୟକତ୍ୱରେ ଏହା ଭାରତର ପ୍ରଥମ ଅନ୍ତର୍ଜାତୀୟ ସିରିଜ୍ ବିଜୟ ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି । ଏହା ପୂର୍ବରୁ ଅକ୍ଟୋବର ୧୬ରେ ଖେଳାଯାଇଥିବା ପ୍ରଥମ ଟି-୨୦ ମ୍ୟାଚ୍‌ରେ ଭାରତ ୪ ୱିକେଟ୍‌ରେ ବିଜୟୀ ହୋଇଥିଲା । ସିରିଜ୍‌ର ତୃତୀୟ ତଥା ଶେଷ ମ୍ୟାଚ୍ ଅକ୍ଟୋବର ୨୦ରେ ସେହି ପଡ଼ିଆରେ ଖେଳାଯିବ ।

# ୧୬ ଡିସେମ୍ବରରେ ଗୋଆରେ ଆୟୋଜନ ହେବ ଆଇପିଏଲ୍ ମିନି ନିଲାମ !

**ନୂଆଦିଲ୍ଲୀ**



ଇଣ୍ଡିଆନ ପ୍ରିମିୟର ଲିଗ୍ ୨୦୨୭ ପାଇଁ ମିନି ନିଲାମ ପ୍ରକ୍ରିୟା ୧୬ ଡିସେମ୍ବରରେ ଗୋଆରେ ଆୟୋଜନ ହେବାର ସମ୍ଭାବନା ରହିଛି । ଯଦିଓ ଦଳର ମାଲିକ ଏବଂ ସିଇଓମାନଙ୍କୁ ଏପର୍ଯ୍ୟନ୍ତ ଇ-ମେଲ୍ ମାଧ୍ୟମରେ କୌଣସି ଆଧିକାରିକ ସୂଚନା ପଠାଯାଇ ନାହିଁ, କିନ୍ତୁ ଅନେକ ଦଳ ଏବଂ ବ୍ରଡକାଷ୍ଟ ସହ ଜଡ଼ିତ ସୂତ୍ରରୁ ନିଶ୍ଚିତ କରାଯାଇଛି ଯେ ନିଲାମ ୧୬ ଡିସେମ୍ବରରେ ହେବାର ସମ୍ଭାବନା ଅଛି । ଏହା ମଧ୍ୟ ଜଣାପଡ଼ିଛି ଯେ ପ୍ରାରମ୍ଭିକ ପର୍ଯ୍ୟାୟରେ ନିଲାମ ପ୍ରକ୍ରିୟା ୧୪ ଡିସେମ୍ବରରେ କରାଇବା ପାଇଁ ଚର୍ଚ୍ଚା ହେଉଥିଲା ।

କ୍ରିକବଜ୍ ରିପୋର୍ଟ ଅନୁଯାୟୀ ବିସିସିଆଇ ସମସ୍ତ ୧୦ଟି ଯାକ ଦଳର ପ୍ରତିନିଧିମାନଙ୍କୁ ହ୍ୱାଟ୍ସଆପ୍‌ରେ ଏକ ବାର୍ତ୍ତା ପଠାଇଛି, ଯେଉଁଥିରେ ସୂଚନା ଦିଆଯାଇଛି ଯେ ନିଲାମ ପ୍ରକ୍ରିୟା ୧୬ ଡିସେମ୍ବରରେ ଅନୁଷ୍ଠିତ ହେବ ଏବଂ ତା'ର ଗୋଟିଏ ଦିନ ପୂର୍ବରୁ ଅର୍ଥାତ୍ ୧୫ ଡିସେମ୍ବରରେ ନିଲାମ ସହ ଜଡ଼ିତ ସୂଚନା ବା ବ୍ରିଫିଂ ଦିଆଯିବ । ସେମାନେ କେବଳ ଏତିକି ଜାଣିବାକୁ ଚାହୁଁଥିଲେ ଯେ ସମସ୍ତ ୧୦ଟି ଦଳରୁ କେତେ ଜଣ ଲୋକ ନିଲାମରେ ସାମିଲ ହେବେ, ଯାହାଦ୍ୱାରା ହୋଟେଲରେ ସେମାନଙ୍କ ପାଇଁ ଯଥାଶୀଘ୍ର ବୁକିଂ କରାଯାଇପାରିବ ।

ଗୋଟିଏ ପଟେ ୧୬ ଡିସେମ୍ବରରେ ଆଇପିଏଲ୍ ୨୦୨୭ର ସମ୍ଭାବ୍ୟ ମିନି ନିଲାମ ରହିଛି, ଅନ୍ୟପଟେ ସେହି ସମାନ ଦିନରେ ବେଙ୍ଗାଲୁରୁର ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଭାରତ ଏବଂ ଶ୍ରୀଲଙ୍କା ମଧ୍ୟରେ ଦ୍ୱିତୀୟ ଦିନିକିଆ ମ୍ୟାଚ୍ ମଧ୍ୟ ଖେଳାଯିବାର ଅଛି । ଏହି ସିରିଜ୍‌ର ପ୍ରଥମ ମ୍ୟାଚ୍ ୧୩ ଡିସେମ୍ବରରେ ନୂଆଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମରେ ଅନୁଷ୍ଠିତ ହେବାର ଅଛି । ଏହାର ଅର୍ଥ ଏହା ମଧ୍ୟ ଯେ ଗୋଆ ପ୍ରଥମ ଥର ପାଇଁ ଆଇପିଏଲ୍ ନିଲାମର ଆତିଥେୟତା କରିବ ।

ଏହି ମିନି ନିଲାମ ମାଧ୍ୟମରେ ସମସ୍ତ ୧୦ଟି ଯାକ ଫ୍ରାଞ୍ଚାଇଜ୍ ଚେନ୍ନାଇ ସୁପର କିଙ୍ଗସ, ଦିଲ୍ଲୀ କ୍ୟାପିଟାଲ୍ସ, ଗୁଜରାଟ ଟାଇଟନ୍ସ, କୋଲକାତା ନାଇଟ୍ ରାଇଡର୍ସ, ମୁମ୍ବାଇ ଇଣ୍ଡିଆନ୍ସ, ଲକ୍ଷ୍ନୌ ସୁପର ଜାଏଣ୍ଟସ୍, ପଞ୍ଜାବ କିଙ୍ଗସ, ରାଜସ୍ଥାନ ରୟାଲ୍ସ, ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଓ ସନରାଇଜର୍ସ ହାଇଦ୍ରାବାଦ ନିଜ ନିଜ ଦଳରେ ଥିବା ଅଭାବ ବା ଦୁର୍ବଳତାକୁ ଦୂର କରିପାରିବେ । ଏହି ପ୍ରକ୍ରିୟା ନଭେମ୍ବର ମଧ୍ୟଭାଗରେ ରିଟେନସନ୍ ଏବଂ ରିଲିଜ୍ ୱିଣ୍ଡୋ ବନ୍ଦ ହେବା ପରେ ଅନୁଷ୍ଠିତ ହେବ । ନଭେମ୍ବର ମଧ୍ୟଭାଗ ସୁଦ୍ଧା, ସମସ୍ତ ୧୦ଟି ଯାକ ଫ୍ରାଞ୍ଚାଇଜ୍‌କୁ ନିଲାମ ପୂର୍ବରୁ ବିସିସିଆଇ ନିକଟରେ ସେହି ଖେଳାଳିମାନଙ୍କର ଚୂଡ଼ାନ୍ତ ତାଲିକା ଦାଖଲ କରିବାକୁ ପଡ଼ିବ ଯେଉଁମାନଙ୍କୁ ସେମାନେ ରିଟେନ୍ କରୁଛନ୍ତି କିମ୍ବା ରିଲିଜ୍ କରୁଛନ୍ତି । ଏହାପରେ ବୋର୍ଡ ସେହି ଖେଳାଳିମାନଙ୍କର ତାଲିକା ପ୍ରସ୍ତୁତ କରିବ ଯେଉଁମାନଙ୍କର ନିଲାମ କରାଯିବ ।

ଆଇପିଏଲ୍ ୨୦୨୭ ପୂର୍ବରୁ ଚେନ୍ନାଇ ସୁପର କିଙ୍ଗସ ଏବଂ ଦିଲ୍ଲୀ କ୍ୟାପିଟାଲ୍ସ ନିଜର କୋଚ୍ ବଦଳାଇ ଦେଇଛନ୍ତି । ଚେନ୍ନାଇ ସୁପର କିଙ୍ଗ୍ସର ମୁଖ୍ୟ ପ୍ରଶିକ୍ଷକ ଦାୟିତ୍ୱ ଜାହିର ଖାନଙ୍କୁ ହସ୍ତାନ୍ତର କରାଯାଇଛି । ଅନ୍ୟପଟେ ଦିଲ୍ଲୀ ସୌରଭ ଗାଙ୍ଗୁଲିଙ୍କୁ ମୁଖ୍ୟ କୋଚ୍ ଭାବେ ନିଯୁକ୍ତ କରିଛି । ଏହା ବ୍ୟତୀତ ମୁମ୍ବାଇ ଇଣ୍ଡିଆନ୍ସ ମହେଲା ଜୟବର୍ଦ୍ଧନେଙ୍କୁ ମୁଖ୍ୟ କୋଚ୍ ପଦରୁ ହଟାଇ ଦେଇଛି । ଖୁବ୍ ଶୀଘ୍ର ମୁମ୍ବାଇ ମଧ୍ୟ ନିଜର ନୂଆ ମୁଖ୍ୟ କୋଚ୍‌ଙ୍କ ନାମ ଘୋଷଣା କରିପାରେ ।

# ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ନେଇ ଟିମ୍ ଇଣ୍ଡିଆକୁ ସ୍ପଷ୍ଟ ଚେତାବନୀ ଦେଲେ ସୁନୀଲ ଗାଭାସ୍କର



**ନୂଆଦିଲ୍ଲୀ**

ଭାରତ ଏବଂ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ୫ଟି ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍ ୨-୨ରେ ଡ୍ର' ରହିବା ପରେ, ପୂର୍ବତନ ଭାରତୀୟ ଅଧିନାୟକ ସୁନୀଲ ଗାଭାସ୍କର ଦଳର ସଂଯୋଜନାକୁ ନେଇ ଏକ ବଡ଼ ବୟାନ ଦେଇଛନ୍ତି । ଗାଭାସ୍କରଙ୍କ ମତରେ, ଟିମ୍ ମ୍ୟାନେଜମେଣ୍ଟ ହାର୍ଦ୍ଦିକ ପାଣ୍ଡ୍ୟାଙ୍କର ସିଧାସଳଖ ବିକଳ୍ପ ଖୋଜିବା ପଛରେ ଅଧିକ ସମୟ ନଷ୍ଟ ନକରି ଏମିତି ଖେଳାଳିମାନଙ୍କୁ ପ୍ରସ୍ତୁତ କରିବା ଉଚିତ୍, ଯେଉଁମାନେ ଭିନ୍ନ ଭିନ୍ନ ଭୂମିକା ନିଭାଇ ପାରିବେ ।

ଗାଭାସ୍କର କହିଛନ୍ତି, 'ଆମେ କେବେ କେବେ ହାର୍ଦ୍ଦିକଙ୍କ ବିକଳ୍ପ ଖୋଜିବାରେ ଅଧିକ ବ୍ୟସ୍ତ ହୋଇଯାଉ । ତାଙ୍କ ସ୍ଥାନ କେହି ନେଇପାରିବେ ନାହିଁ । ଯଦି ଆପଣଙ୍କୁ ତାଙ୍କ ଦକ୍ଷତା ସମ୍ପନ୍ନ ଖେଳାଳି ମିଳୁନାହାନ୍ତି, ତେବେ ଏମିତି ଜଣେ ଖେଳାଳିଙ୍କୁ ନେଇ ଆଗକୁ ବଢ଼ନ୍ତୁ ଯିଏ ଦଳ ପାଇଁ ଟିକେ ଭିନ୍ନ ଭୂମିକା ନିଭାଇ ପାରିବେ ।'

ଗାଭାସ୍କର ଯୁବ ଖେଳାଳି ନମନ ଧୀରଙ୍କ ଉଦାହରଣ ଦେଇ କହିଛନ୍ତି ଯେ, ସେ ବ୍ୟାଟ୍ ଏବଂ ବଲ୍ ଉଭୟରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇପାରିବେ । ନିର୍ଣ୍ଣାୟକ ମ୍ୟାଚ୍‌ରେ ନମନ ଧୀରଙ୍କ ୬ଟି ବଲ୍‌ରେ ଅପରାଜିତ ୨୪ ରନ୍‌ର ଧୂଆଁଧାର ପାଳି ବିଷୟରେ ଉଲ୍ଲେଖ କରି ଗାଭାସ୍କର କହିଛନ୍ତି, 'ନମନ ଧୀର ବ୍ୟାଟିଂରେ ଚମତ୍କାର ପ୍ରଦର୍ଶନ କରୁଛନ୍ତି ଏବଂ ଦୁଇ-ତିନି ଓଭର ବୋଲିଂ ମଧ୍ୟ ସମ୍ଭାଳି ପାରିବେ । ଅନ୍ୟପଟେ, ଅକ୍ଷର ପଟେଲ ନିଜର ୪ ଓଭର ସମ୍ପୂର୍ଣ୍ଣ କରିବାର ଦକ୍ଷତା ରଖିଛନ୍ତି ।'

ଗାଭାସ୍କର କହିଛନ୍ତି ଯେ, ଏହି ସିରିଜ୍‌ରୁ ଭାରତ ଶିକ୍ଷା ଗ୍ରହଣ କରି ଦଳକୁ ଅତିକମରେ ଚାରିଜଣ ନିୟମିତ ବୋଲରଙ୍କ ସହ ପଡ଼ିଆକୁ ଓହ୍ଲାଇବା ଉଚିତ୍ । ଯେତେବେଳେ କି ପଞ୍ଚମ ଏବଂ ଷଷ୍ଠ ବୋଲରଙ୍କ ଭୂମିକା ଅଲରାଉଣ୍ଡରମାନେ ନିଭାଇ ପାରିବେ ବୋଲି ସେ ଜୋର ଦେଇଛନ୍ତି । ପୂର୍ବତନ ଦିଗ୍ଗଜ ଓପନିଂ ବ୍ୟାଟ୍ସମ୍ୟାନ ଚେତାବନୀ ଦେଇ କହିଛନ୍ତି ଯେ, ବ୍ୟାଟିଂ ଲାଇନ-ଅପକୁ ଅଷ୍ଟମ ନମ୍ବର ପର୍ଯ୍ୟନ୍ତ ଲମ୍ବା କରିବା ଚେଷ୍ଟାରେ ଭାରତ ନିଜର ବୋଲିଂକୁ ଦୁର୍ବଳ କରୁଛି । ଗାଭାସ୍କର କହିଛନ୍ତି, 'ଯେତେବେଳେ ଆପଣ ଅଷ୍ଟମ ନମ୍ବର ପର୍ଯ୍ୟନ୍ତ ବ୍ୟାଟିଂ ନେଇ ପଡ଼ିଆକୁ ଓହ୍ଲାନ୍ତି, ସେତେବେଳେ ନିଜ ବୋଲିଂକୁ ଦୁର୍ବଳ କରିଦିଅନ୍ତି ଏବଂ ଏହି କାରଣରୁ ଆପଣଙ୍କୁ ପରାଜୟର ସାମ୍ନା କରିବାକୁ ପଡ଼ିଥାଏ ।'

ବର୍ଷା ଯୋଗୁଁ ବାତିଲ ହୋଇଥିବା ୯-୯ ଓଭରର ମ୍ୟାଚ୍ ଉପରେ ନିରାଶା ପ୍ରକାଶ କରି ଗାଭାସ୍କର କହିଛନ୍ତି ଯେ, ଏହି ଛୋଟ ଫର୍ମାଟରେ ଭାରତୀୟ ବୋଲରମାନଙ୍କୁ ପରଖିବାର ସୁଯୋଗ ମିଳିଲାନାହିଁ । ଏହା ବ୍ୟତୀତ, ସେ ଦଳର ମ୍ୟାନେଜମେଣ୍ଟକୁ ପରାମର୍ଶ ଦେଇଛନ୍ତି ଯେ, ସ୍ପିନରମାନଙ୍କ ଆତ୍ମବିଶ୍ୱାସ ବଜାୟ ରଖିବା ପାଇଁ ସେମାନଙ୍କୁ କ୍ରମାଗତ ଭାବେ ସହଯୋଗ କରନ୍ତୁ ।

# ଫିନେଷ୍ଟା ଓପନ୍ ଜାତୀୟ ଟେନିସ୍ : ଖୁସିଙ୍କୁ ତ୍ରିମୁକୁଟ



**ନୂଆଦିଲ୍ଲୀ**

ଏଠାରେ ଆୟୋଜିତ ୩୧ତମ ଫିନେଷ୍ଟା ଓପନ୍ ଜାତୀୟ ଟେନିସ୍ ପ୍ରତିଯୋଗିତାରେ ହରିୟାଣାର ଖୁସି କାଡିଆନ୍ ତ୍ରିମୁକୁଟ ହାସଲ କରିଛନ୍ତି । ସେ ୧୪ ଓ ୧୬ ବର୍ଷରୁ କମ୍ ବାଳିକା ଏକକ ସହ ଯୁଗଳରେ ବିଜେତା ହୋଇଥିଲେ । ୧୬ ବର୍ଷରୁ କମ୍ ଏକକ ଫାଇନାଲ୍‌ରେ ସେ ୭-୬, ୭-୫ ସେଟ୍‌ରେ ରାଜସ୍ଥାନର ରଞ୍ଜନା ସଂଗ୍ରାମଙ୍କୁ ପରାସ୍ତ କରିଥିଲେ । ସେହିପରି ୧୪ ବର୍ଷରୁ କମ୍‌ରେ ସେ ୬-୩, ୬-୨ ସେଟ୍‌ରେ ଦ୍ୱିତୀୟ ମାନ୍ୟତାପ୍ରାପ୍ତ ସିଦ୍ଧି ପାଣ୍ଡେଙ୍କୁ ହରାଇଥିଲେ ।

## ।। ଗୁରୁଜଙ୍ଗ ପ୍ରିମିଅର୍ ଲିଗ୍ ।।

# ଯଦୁପୁର ବ୍ଲାଷ୍ଟରକୁ ହରାଇ ମିଳନ ୟୁଥ୍ କ୍ଲବ୍ ମୁକୁନ୍ଦପ୍ରସାଦ ଚାମ୍ପିଅନ

**ଖୋର୍ଦ୍ଧା, ନ୍ୟୁଜ୍‌ବ୍ୟୁରୋ**




ଖୋର୍ଦ୍ଧା ଉପକଣ୍ଠ ଅନ୍ତର୍ଗତ ଗୁରୁଜଙ୍ଗ ଖେଳ ପଡ଼ିଆରେ ଗୁରୁଜଙ୍ଗ କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ଚାଲିଥିବା ଗୁରୁଜଙ୍ଗ ପ୍ରିମିଅର୍ ଲିଗ୍‌ର ଫାଇନାଲ ମ୍ୟାଚ୍‌ରେ ମିଳନ ୟୁଥ୍ କ୍ଲବ୍ ମୁକୁନ୍ଦପ୍ରସାଦ ଯଦୁପୁର ବ୍ଲାଷ୍ଟରସ୍‌କୁ ପରାସ୍ତ କରି ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି । ଟସ୍‌ରେ ବିଜୟ ଲାଭ କରି ମିଳନ ୟୁଥ୍ କ୍ଲବ୍ ମୁକୁନ୍ଦପ୍ରସାଦ ଦଳ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୮ ୱିକେଟ ହରାଇ ୧୬୯ ସଂଗ୍ରହ ରନ୍ କରିଥିଲା । ଦଳ ପକ୍ଷରୁ ମହମ୍ମଦ ଏର୍ସାଦ ବିସ୍ଫୋରକ ବ୍ୟାଟିଂ କରି ୬୨ ରନ୍ ଓ ନିଖିଳ ନାୟକ ୫୨ ରନ ସଂଗ୍ରହ କରିଥିଲେ । ଯଦୁପୁର ପକ୍ଷରୁ ବିକ୍ରମ ଦାସ ୩ ୱିକେଟ ହାସଲ କରିଥିଲେ । ଜବାବ୍‌ରେ ଯଦୁପୁର ଦଳ ଏମ୍‌ଡି ତବ୍ରିଜଙ୍କ ୪୮ ରନ୍ ସହାୟତାରେ ୧୯.୫ ଓଭରରେ ୧୦ ୱିକେଟ ହରାଇ ୧୬୪ ରନ୍ ସଂଗ୍ରହ କରି ୫ ରନରେ ପରାସ୍ତ ହୋଇଥିଲା । ମୁକୁନ୍ଦପ୍ରସାଦ ପକ୍ଷରୁ ନିଖିଳ ନାୟକ ୨ ୱିକେଟ ଅକ୍ତିଆର କରିଥିଲେ । ରବିବାର ଫାଇନାଲ ମ୍ୟାଚ୍‌ରେ ଅତିଥି ଭାବରେ ଖୋର୍ଦ୍ଧା ଜିଲ୍ଲା ବିଜୁ ଜନତା ଦଳର ସଭାପତି ତଥା ପୂର୍ବତନ ଖୋର୍ଦ୍ଧା ବିଧାୟକ ରାଜେନ୍ଦ୍ର କୁମାର ସାହୁ, ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ, ଖୋର୍ଦ୍ଧା ଜିଲ୍ଲା ବିଜୁଜନତା ଦଳର କାର୍ଯ୍ୟ କାରି ସଭାପତି ମନ୍ମଥ ରାଉତରାୟ, ଓସିଏ କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ପ୍ରମୋଦ ରାଉତରାୟ, ଅସଲାମ ଖାନ୍, ଏମ୍‌ଡି ଜରିଫ, ଏମ୍‌ଡି ତବ୍ରୀଜ୍, ଚଣ୍ଡୀ ପ୍ରସାଦ ଆଚାର୍ଯ୍ୟ, ଯୁବ ସମାଜସେବୀ ଜିତେନ୍ଦ୍ର ପ୍ରଧାନ, ରଞ୍ଜନ ମଙ୍ଗରାଜ, ପୌରାଧ୍ୟକ୍ଷ କନକଲକ୍ଷ୍ମୀ ମହାନ୍ତି, ଉପାଧ୍ୟକ୍ଷ ଶୌର୍ଯ୍ୟ ରଞ୍ଜନ ମହାନ୍ତି, ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ବଦ୍ରିନାରାୟଣ ସାହୁ, ଦୀପକ ଗାନ୍ଧୀ, ରବିନାରାୟଣ ଜେନା, ଜିତେନ୍ଦ୍ର ଭଞ୍ଜ ପୁରସ୍କାର ବିତରଣୀ ଉତ୍ସବରେ ଯୋଗ ଦେଇଥିଲେ । ମୁକୁନ୍ଦ ପ୍ରସାଦ ଦଳର ନିଖିଳ ନାୟକ ମ୍ୟାନ ଅଫ ଫାଇନାଲ ମ୍ୟାନ ଅଫ ଦ ସିରିଜ୍ ଓ ବେଷ୍ଟ ବ୍ୟାଟ୍ସମ୍ୟାନ୍ ଭାବେ ବିବେଚିତ ହୋଇଥିଲେ । ଯଦୁପୁର ଦଳର ଜିତେନ୍ଦ୍ର ଦାସ ବେଷ୍ଟ ଅଲ୍ ରାଉଣ୍ଡର, ରାଜଦୀପ୍ ଏମର୍ଜିଂ ପ୍ଲେୟାର, ପ୍ରକାଶ କୁମାର ସାହୁ ବେଷ୍ଟ ସ୍କୋରର, ବେଷ୍ଟ ଅମ୍ପାୟର ସାନୁଜ ବିଶ୍ୱାଳ, ଅସିତ୍ ଶତପଥୀ, ପ୍ରଶାନ୍ତ ବେହେରା, ଜୟନ୍ତ ମାର୍ଥା ଓ ସୋଭାକର ପାତ୍ର, ଦୁଇ ଲାଇଭ ଷ୍ଟ୍ରିମର ଓ କମେଣ୍ଟେଟର ଭାବରେ ବୁଦ୍ଧଦେବ ମହାରଣା ଓ ରାଜେନ୍ଦ୍ର ବେହେରା ପୁରସ୍କୃତ ହୋଇଥିଲେ । ରବିବାର ମ୍ୟାଚ୍‌କୁ ଅସିତ ଶତପଥି ଓ ସାନୁଜ ବିଶ୍ୱାଳ ପରିଚାଳନା କରିଥିଲେ । ସୁଜିତ ପରିଡ଼ା, ତ୍ରିନାଥ ପରିଡ଼ା ଓ ଅବ୍ୟକ୍ତ ହରିହର ଖାଡ଼ଙ୍ଗା ମ୍ୟାଚ୍ ସଂଯୋଜନା କରିଥିଲେ ।

# ରଣଜୀ ଟ୍ରଫିରେ ଫ୍ଲପ୍ ହେଲେ ଅଧିନାୟକ ଗିଲ୍ : ମାତ୍ର ୧ ରନ୍ କରି ଆଉଟ୍

**ନୂଆଦିଲ୍ଲୀ**



ଭାରତର ଟେଷ୍ଟ ଅଧିନାୟକ ଶୁବମନ ଗିଲ୍‌ଙ୍କ ପାଇଁ ରଣଜୀ ଟ୍ରଫିରେ ଛତିଶଗଡ଼ ବିପକ୍ଷରେ ପଞ୍ଜାବ ତରଫରୁ ମ୍ୟାଚ୍‌ର ଆରମ୍ଭ ଅତ୍ୟନ୍ତ ନିରାଶାଜନକ ରହିଛି । ନ୍ୟୁ ଚଣ୍ଡୀଗଡ଼ରେ ରବିବାର ଖେଳାଯାଉଥିବା ଏହି ଏଲିଟ୍ ଗ୍ରୁପ୍ ବି ମୁକାବିଲାର ପ୍ରଥମ ଦିନରେ ଗିଲ୍ ମାତ୍ର ଏକ ରନ୍ କରି ଆଉଟ୍ ହୋଇଯାଇଛନ୍ତି । ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ହେବାକୁ ଥିବା ଆଗାମୀ ଦୁଇ ମ୍ୟାଚ୍ ବିଶିଷ୍ଟ ଗୁରୁତ୍ୱପୂର୍ଣ୍ଣ ଟେଷ୍ଟ ସିରିଜ୍ ପୂର୍ବରୁ ଗିଲ୍ ଘରୋଇ ରେଡ୍ ବଲ୍ କ୍ରିକେଟ୍‌ରେ ଖେଳିବାକୁ ନିଷ୍ପତ୍ତି ନେଇଥିଲେ ଏବଂ ସେ ଏହି ମୁକାବିଲା ପାଇଁ ଶେଷ ମୁହୂର୍ତ୍ତରେ ପଞ୍ଜାବ ଦଳ ସହ ଯୋଡ଼ି ହୋଇଥିଲେ ।

ଛତିଶଗଡ଼ ବିପକ୍ଷ ମ୍ୟାଚ୍‌ର ୨୬ତମ ଓଭରର ପ୍ରଥମ ବଲ୍‌ରେ ବିହାନ ମଲହୋତ୍ରା ଆଉଟ୍ ହେବା ପରେ ଡାହାଣହାତୀ ବ୍ୟାଟ୍ସମ୍ୟାନ୍ ଶୁବମନ ଗିଲ୍ ନମ୍ବର ଚାରିରେ ବ୍ୟାଟିଂ କରିବାକୁ ଆସିଥିଲେ । ସେ ନିଜ ଇନିଂସର ଦ୍ୱିତୀୟ ବଲ୍‌ରେ ଏକ ରନ୍ ନେଇ ଖାତା ଖୋଲିଥିଲେ, କିନ୍ତୁ ୨୭ତମ ଓଭରର ତୃତୀୟ ବଲ୍‌ରେ ସ୍ପିନର ଅଜୟ ମଣ୍ଡଳ ତାଙ୍କର ପ୍ରତିରକ୍ଷାତ୍ମକ କୌଶଳକୁ ଭେଦ କରି ତାଙ୍କୁ ବୋଲ୍ଡ କରିଦେଇଥିଲେ । ଆଉଟ୍ ହେବା ପୂର୍ବରୁ ଗିଲ୍ ୫ଟି ବଲ୍‌ର ସାମ୍ନା କରିଥିଲେ ।

# ମଧୁବନ ନିକଟ କେନାଲରେ ବୁଡ଼ି ଯୁବକ ନିଖୋଜ



**କଟକ, ନ୍ୟୁଜ୍‌ବ୍ୟୁରୋ**

କଟକ ଜିଲ୍ଲା ବାରଙ୍ଗ ଥାନା ଅନ୍ତର୍ଗତ ମଧୁବନ ନିକଟ କେନାଲରେ ଗାଧୋଇବାକୁ ଯାଇ ଜଣେ ଯୁବକ ନିଖୋଜ ହୋଇ ଯାଇଛନ୍ତି । ନିଖୋଜ ଯୁବକ ହେଉଛନ୍ତି ଚନ୍ଦନ ଦାସ । ତାଙ୍କ ଘର ଭଦ୍ରକ ଜିଲ୍ଲାରେ ହୋଇଥିବା ବେଳେ ସେ ଭୁବନେଶ୍ୱରର ରଘୁନାଥପୁରସ୍ଥିତ ଏକ ପେଟ୍ରୋଲ ପମ୍ପରେ କାର୍ଯ୍ୟ କରୁଥିଲେ ।

ସୂଚନା ଅନୁଯାୟୀ, ଚନ୍ଦନ ମଧୁବନ ନିକଟ କେନାଲକୁ ଗାଧୋଇବା ପାଇଁ ଯାଇଥିଲେ । ଏହି ସମୟରେ ସେ ପାଣିରେ ବୁଡ଼ିଯାଇଥିବା କୁହାଯାଉଛି । ଘଟଣା ପରେ ସେ ନିଖୋଜ ହୋଇଯାଇଥିବା ଜଣାପଡ଼ିଥିଲା । ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଖୋଜ ଯୁବକଙ୍କୁ ଖୋଜିବା ଆରମ୍ଭ କରିଛି । କେନାଲରେ ତଲାସୀ ଅଭିଯାନ ଜାରି ରହିଥିବା ବେଳେ ଚନ୍ଦନଙ୍କ ସନ୍ଧାନ ମିଳିବା ନେଇ ଅପେକ୍ଷା କରାଯାଇଛି ।

# ସୁବର୍ଣ୍ଣପୁରରେ ତିନି ଦେବୀଙ୍କ ମହାଗୌରୀ ବେଶ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**




ପବିତ୍ର ଦେବଭୂମି ତଥା ଦ୍ୱିତୀୟ ବାରାଣସୀ ଭାବେ ପରିଚିତ ମନ୍ଦିର ମାଳିନୀ ନଗରୀ ସୁବର୍ଣ୍ଣପୁରରେ ଶାରଦୀୟ ନବ ରାତ୍ରୀର ଅଷ୍ଟମ ଦିବସରେ ମା' ସୁରେଶ୍ୱରୀ, ମା' ଭଗବତୀ ଓ ମା' ଦୁର୍ଗାଦେବୀ ମହାଗୌରୀ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଛନ୍ତି । ଦେବୀଙ୍କ ଧବଳକାନ୍ତିମୟୀ ରୂପ ଓ କରୁଣାମୟୀ ମୁଖମଣ୍ଡଳ ଶ୍ରଦ୍ଧାଳୁଙ୍କ ମନରେ ଭକ୍ତି, ଶାନ୍ତି ଓ ଆଧ୍ୟାତ୍ମିକ ଆନନ୍ଦ ଭରିଦେଇଛି ।

ନବଦୁର୍ଗାଙ୍କ ଅଷ୍ଟମ ସ୍ୱରୂପ ମା' ମହାଗୌରୀ ପବିତ୍ରତା, ନିର୍ମଳତା ଓ ଶାନ୍ତିର ପ୍ରତୀକ । ପୌରାଣିକ ବିଶ୍ୱାସ ଅନୁସାରେ, ଦେବୀଙ୍କ ଆରାଧନା ମନର ମଳିନତା ଦୂର କରି ସତ୍ୟ, ଧର୍ମ ଓ ସଦାଚାରର ପଥରେ ଅଗ୍ରସର ହେବାକୁ ପ୍ରେରଣା ଦିଏ । ମନ୍ଦିର ପରିସରରେ ଧୂପଦୀପ, ଶଙ୍ଖଘଣ୍ଟା ଧ୍ୱନି ଓ ମନ୍ତ୍ରପାଠ ମଧ୍ୟରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା । ଶ୍ରଦ୍ଧାଳୁମାନେ ମା'ଙ୍କ ଦର୍ଶନ କରି ପରିବାରର ସୁଖଶାନ୍ତି, ସମାଜର ମଙ୍ଗଳ ଓ ବିଶ୍ୱକଲ୍ୟାଣ କାମନା କରିଥିଲେ । ପ୍ରେମ, ଦୟା, କ୍ଷମା ଓ ମାନବିକତାକୁ ଜୀବନରେ ଆପଣାଇବା ହିଁ ମହା ଗୌରୀଙ୍କ ଆରାଧନାର ମୁଖ୍ୟ ବାର୍ତ୍ତା ।

# ନଦୀରେ ବୁଡ଼ି ଯୁବକ ନିଖୋଜ

**ଧର୍ମଶାଳା, ନ୍ୟୁଜ୍‌ବ୍ୟୁରୋ**

କୁଆଖିଆ ଥାନା ଅନ୍ତର୍ଗତ ବ୍ରାହ୍ମଣୀ ନଦୀର ଗୋପାଳପୁର ନିକଟରେ ଏକ ଅଘଟଣରେ ପ୍ରଥମା ଖଣ୍ଡି ପଞ୍ଚାୟତ ଚକ ଗୋପାଳପୁର ଗ୍ରାମର ଗୁରୁଚରଣ ବେହେରାଙ୍କ ପୁଅ ହରେକୃଷ୍ଣ ବେହେରା (୧୮) ନିଖୋଜ ଅଛନ୍ତି । ରବିବାର ସକାଳ ୮ଟା ସମୟରେ ହରେକୃଷ୍ଣ ନଦୀରେ ଗାଧୋଉଥିବା ବେଳେ ଭାସି ଯାଇଥିଲା । ଖବର ପାଇ ଅଗ୍ନିଶମ କର୍ମଚାରୀ ଓ ପୋଲିସ ପକ୍ଷରୁ ଖୋଜାଖୋଜି କରିଥିଲେ ମଧ୍ୟ ତା'ର ପତ୍ତା ମିଳିପାରିନାହିଁ । ନଦୀ ପଠାରୁ ବାଲି ମାଫିଆମାନେ ବାଲି ଖୋଳିନେଇ ନଦୀକୁ ଗଭୀର କରିଥିବାରୁ ପ୍ରତିଦିନ ଏ ସ୍ଥାନରେ ଅଘଟଣ ଘଟୁଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି ।










ବାରିପଦାର ବିଭିନ୍ନ ମଣ୍ଡପରେ ପୂଜା ପାଉଛନ୍ତି ସିଂହବାହିନୀ ମା' ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି । (ଫଟୋ : ସମ୍ବାଦ କଳିକା)

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୯ ଅକ୍ଟୋବର, ୨୦୨୬ ସୋମବାର





# ଭୁବନେଶ୍ୱରର ବିଭିନ୍ନ ପୂଜା ମଣ୍ଡପରେ ଚାଲିଛି ମା'ଦୁର୍ଗାଙ୍କ ଆରାଧନା



ପଟିଆ



ଡମଣା



ଭିଏସ୍‌ଏସ୍ ନଗର



ଝାରପଡା



ବରଗଡ



ବ୍ରହ୍ମେଶ୍ୱର ପାଟଣା ଛକ ଟଙ୍କପାଣି ରୋଡ



ରବି ଟକିଜ



ବ୍ରାହ୍ମଣ ନିୟୋଗ ସମିତି ତିନି ମୁଣ୍ଡିଆ ଛକ



ବଢୁ ନିୟୋଗ



ଯମେଶ୍ୱର ପାଟଣା



ୟୁନିଟ୍-୬ ସ୍ଥିତ ଗଙ୍ଗନଗର



ବରମୁଣ୍ଡା

## ବରିଷ୍ଠ ନାଗରିକମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଉପରେ ଗୁରୁତ୍ୱାରୋପ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବରିଷ୍ଠ ନାଗରିକ ସଂଘ, ଭି.ଏସ୍.ଏସ୍. ନଗର, ଭୁବନେଶ୍ୱର ପକ୍ଷରୁ ନିଜ କେନ୍ଦ୍ରରେ ବିଶ୍ୱ ବରିଷ୍ଠ ଦିବସ ଉପଲକ୍ଷେ, "ବରିଷ୍ଠ ନାଗରିକ ସୁସ୍ଥ ଦୀର୍ଘାୟୁ" ବିଷୟ ଶୀର୍ଷକ ଆଲୋଚନା ସଭା ହୋଇଥିଲା। ସର୍ବଭାରତୀୟ ବରିଷ୍ଠ ନାଗରିକ ସଂଘ ଉପସଭାପତି ତଥା ସଂଘର ସଭାପତି ଶତାୟୁ ପାଖାପାଖି କୃପାସିନ୍ଧୁ ସାହୁ, ଅଧକ୍ଷ ସମ୍ପାଦକ, ଉପ-ସଭାପତି, ସଂଘର କର୍ମକର୍ତ୍ତା ତଥା ସଭ୍ୟ ସଭ୍ୟାମାନେ ଯୋଗ ଦେଇଥିଲେ। ନିମନ୍ତ୍ରିତ ମୁଖ୍ୟ ଅତିଥି ବକ୍ତା ଭାବେ ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ବରିଷ୍ଠ ଜେରେଣ୍ଟୋଲୋଜିଷ୍ଟ ତଥା ଇଣ୍ଡିଆନ୍ ପ୍ରୋକ୍ଟୋଲୋଜି ସୋସାଇଟିର ପ୍ରତିଷ୍ଠାତା ସଭାପତି ଓ ଜାତୀୟ ସ୍ତରର ଓଡ଼ିଆ, ହିନ୍ଦୀ, ଇଂରାଜୀ ଲୋକପ୍ରିୟ ସ୍ୱାସ୍ଥ୍ୟ ଲେଖକ ପ୍ରଫେସର ଇମିରିଟସ୍ ଡ. ଚତୁର୍ଭୁଜ ଭୂୟାଁ ଯୋଗ ଦେଇଥିଲେ। ଉପସଭାପତି ସୁରେଶ କୁମାର କର ସଭା ପ୍ରାରମ୍ଭ ସମ୍ବୋଧନ ପରିଚୟରେ ସଭାପତିଙ୍କର ବରିଷ୍ଠମାନଙ୍କ ସେବା ଅବଦାନ, ରାଜ୍ୟ ଓ ବାହାରେ ସଂଗଠନ ଦକ୍ଷତା ସମ୍ମାନୀୟ ମୁଖ୍ୟ ଅତିଥି ପ୍ରଫେସର ଭୂୟାଁଙ୍କର ଶିକ୍ଷା, ମେଡିକାଲ୍, ଗବେଷଣା, ସୁଚିକିତ୍ସା, ସୁଲେଖକ, ଶତାଧିକ ପୁସ୍ତକ ପ୍ରଣୟିତା, ଓଡ଼ିଶା ଏବଂ ବାହାରେ ଜାତୀୟ ଓ ଅନ୍ତର୍ଜାତୀୟ କନ୍‌ଫରେନ୍ସ, ସେମିନାରାଦି ସଂଗଠନ, ପରିଚାଳନାଦିର ବ୍ୟାଖ୍ୟାନ କରିଥିଲେ। ଏକାଧିକ ବକ୍ତା ବିଭିନ୍ନ ଦିଗରୁ ବକ୍ତବ୍ୟ ରଖିଥିଲେ। ମୁଖ୍ୟ ବକ୍ତା ପ୍ରଫେସର ଭୂୟାଁ ସମସ୍ତ ବରିଷ୍ଠଙ୍କୁ ବିନମ୍ର ପ୍ରଣାମ ଜଣାଇ ସାମ୍ପ୍ରତିକ ସମାଜ କିପରି ବିଷମ ଯାନ୍ତ୍ରିକ, ବ୍ୟସ୍ତ ବହୁଳ, ଅସୁରକ୍ଷିତ, ଅମାନବୀୟ ଚରିତ୍ର ବହନ ପୂର୍ବକ ଜୀବନଶୈଳୀ ଯାପନ କରୁଛନ୍ତି, ସେ ପ୍ରସଙ୍ଗରେ ପୁଙ୍ଖାନୁପୁଙ୍ଖ ବର୍ଣ୍ଣନା କରି ଏହି ପରିବେଶରୁ କିପରି ବୟସ୍କମାନଙ୍କ ସୁରକ୍ଷା ହୋଇପାରିବ ବିସ୍ତୃତ ବର୍ଣ୍ଣନା କରିଥିଲେ। ସର୍ବାଗ୍ରେ ଯୁବସମାଜକୁ ପାଶ୍ଚାତ୍ୟାଭିମୁଖୀ ବ୍ୟବହାର ଅପମିଶ୍ରିତ ଖାଦ୍ୟ, ପରିପାଟି ଦିନକୁ ଦିନ କଳୁଷିତ କରୁଛି। ବିଜ୍ଞାନର ଅଗ୍ରଗତି, ସୁବିଧା, ସହଜପ୍ରାପ୍ତ, ଯୋଗାଯୋଗ ଇତ୍ୟାଦି ଏକାଧିକ ସୁବିଧା ଯୋଗୁଁ ବୟସ୍କମାନଙ୍କ ସଂଖ୍ୟା ଦିନକୁ ଦିନ ବଢ଼ି ଚାଲିଛି। ଜୀବନ ଆୟୁ ରାଜ୍ୟ, ଦେଶାନୁସାରେ ମଧ୍ୟ ଶତାୟୁ ହେବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ସେମାନଙ୍କର ଅମୂଲ୍ୟ, ଅଭିଜ୍ଞତା, କର୍ମ ଦକ୍ଷତା, ଅନୁଭୂତି, ଶିକ୍ଷା, ସଂସ୍କାର, ସହନଶୀଳତା, ଧୈର୍ଯ୍ୟ, ଶ୍ରଦ୍ଧାଦି ଗୁଣର ଆଧ୍ୟାତ୍ମିକ ସମାଜ ପ୍ରତି ଅବଦାନ ବିବେଚନା କରି ଲୋକପ୍ରିୟ ସରକାର ବିଭିନ୍ନ ଯୋଜନା ପ୍ରଣୟନ କଲେ ମଧ୍ୟ ସଠିକ୍ ପାଳନ ନହେବା କ୍ଷୋଭ ଏବଂ ପରିତାପର ବିଷୟ। ବରିଷ୍ଠ ନାଗରିକଙ୍କ "ସ୍ୱାସ୍ଥ୍ୟ ହିଁ ସମ୍ପଦ" ଏବଂ ବଞ୍ଚିବା ପାଇଁ ଶକ୍ତିରେ ସାମାଜିକ, ଆର୍ଥିକ, ସାଂସ୍କୃତିକାଦି ବିଭିନ୍ନ ଦିଗକୁ ନେଇ ମାନସିକ, ଶାରୀରିକ, ଆଧ୍ୟାତ୍ମିକ, ସୁସ୍ଥତା ପ୍ରସଙ୍ଗରେ ନିରାପଦ ସୁସ୍ଥତା, ସୁସ୍ଥଙ୍କର ସ୍ୱାସ୍ଥ୍ୟ ସୁରକ୍ଷା, ରୋଗ ପ୍ରତିରୋଧ ବ୍ୟବସ୍ଥା, ବାର୍ଦ୍ଧକ୍ୟ ରୋଗରେ ଶୀଘ୍ର ଚିକିତ୍ସା, ସାମାଜିକ ପରିବାର ବିଶୃଙ୍ଖଳାରେ ପୀଡ଼ିତଙ୍କୁ ସୁରକ୍ଷା ଇତ୍ୟାଦି ଏକାଧିକ ପ୍ରସଙ୍ଗକୁ ପୂର୍ବକ ସମାଧାନ ଆବଶ୍ୟକ। ନିଜ ସ୍ୱାସ୍ଥ୍ୟ ନିଜ ହାତରେ। ବ୍ୟକ୍ତି ଯେପରି ପରିବାର, ସମାଜ ପ୍ରତି ସଚେତନ, ଠିକ୍ ସେପରି ନିଜ ସ୍ୱାସ୍ଥ୍ୟ ପ୍ରତି ସଚେତନ ଯତ୍ନ ନେବା ଏକାନ୍ତ ଆବଶ୍ୟକ। ସାମାଜିକ ଚଳଣୀକୁ ନେଇ ନିଜର ସୁଷମ, ସୁସ୍ଥ ଖାଦ୍ୟ, ପାନୀୟ, ପରିପାଟୀ, ବ୍ୟାୟାମ, ବ୍ୟବହାର, ଆଚରଣ, ଚିକିତ୍ସା ଇତ୍ୟାଦି ଖାପଖୁଆଇ, ସହନଶୀଳତା, ଧୈର୍ଯ୍ୟ, ଆଧ୍ୟାତ୍ମିକ ଭାବନା, ପ୍ରେମ, ଶ୍ରଦ୍ଧାଦି ମନୋଭାବକୁ ନେଇ ସମ୍ପର୍କ ସ୍ଥାପନ, ଗୋଷ୍ଠୀ ଜୀବନଯାପନ ଏପରିକି ଏକାକୀ ଜୀବନଯାପନ କଳାକୁ ସୁଖ, ଆନନ୍ଦ, ଶାନ୍ତିରେ ରହିବା ନିଜେ ପାଳନ କରିବା ଆବଶ୍ୟକ। ସୁଖ, ଦୁଃଖକୁ ସମ୍ମୁଖୀନ କରି ଶିଖିବା, ସେଥିରୁ ଆନନ୍ଦ ସନ୍ଧାନ କରିବା ବଞ୍ଚିବାର କଳାକୁ ଆପଣେଇବା ଦରକାର। ଏ ଜୀବନ ଜିଇଁବା ପ୍ରସଙ୍ଗରେ ଏକାଧିକ ପ୍ରତ୍ୟକ୍ଷ, ଗବେଷଣା ପୁସ୍ତକ ମିଳେ। ସେଥିରେ ବିଧି, ବିଧାନ, ଉପାୟ ମାର୍ଗକୁ ଆପଣେଇଲେ ଜୀବନ ସୁଖ ହେବ। ସର୍ବାଗ୍ରେ ବରିଷ୍ଠମାନଙ୍କର ଆଧ୍ୟାତ୍ମିକ ସଚେତନତା ଆନନ୍ଦ ଦେଇଥାଏ। ବିସ୍ତୃତ ଆଲୋଚନାରେ ସମସ୍ତ ଉପସ୍ଥିତ ବରିଷ୍ଠ ନାଗରିକ ସନ୍ତୁଷ୍ଟି ପ୍ରକାଶ କରିଥିଲେ। ସଭା ଶେଷରେ ସଂଘର ସମ୍ପାଦକ ଶିତଳ କୁମାର ମହାନ୍ତି, ଅଧକ୍ଷ, ବକ୍ତା, ମୁଖ୍ୟବକ୍ତା ଏବଂ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ।



## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୬୦ କିଲୋ ସୁନାରେ...

ନିର୍ମାଣ କରାଯାଇଥିଲା। ପରେ ମା' ଦୁର୍ଗା ଓ ପାର୍ଶ୍ୱ ଦେବାଦେବୀଙ୍କ ଅଳଙ୍କାର ସହ ମେଢ଼ର ବିଭିନ୍ନ ଅଂଶରେ ସୁନାର ବ୍ୟବହାର କରାଯାଇଥିଲା। ବର୍ତ୍ତମାନ ମା'ଙ୍କ ସୁନା ଆଭୂଷଣ ଓ ମେଢ଼ର ଚମକ ଭକ୍ତଙ୍କ ପାଇଁ ପ୍ରମୁଖ ଆକର୍ଷଣ ପାଲଟିଛି। ଆଗାମୀ ଦିନରେ ମେଢ଼କୁ ସମ୍ପୂର୍ଣ୍ଣ ସୁନାରେ ସଜ୍ଜିତ କରିବା ପାଇଁ ପୂଜା କମିଟି ଯୋଜନା ରଖିଛି। କଟକରେ ବର୍ତ୍ତମାନ ୩୮ଟି ଚାନ୍ଦି ମେଢ଼ ରହିଥିବା ବେଳେ ଚୌଧୁରୀ ବଜାରର ସୁନା ମେଢ଼ ଏହି ପରମ୍ପରାରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ମା'ଙ୍କ ଏହି ମନୋରମ ରୂପ ଦର୍ଶନ କରିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିବାରେ ଲାଗିଛି। ପାରମ୍ପରିକ କାରୁକାର୍ଯ୍ୟ, ଭକ୍ତି ଓ ଆକର୍ଷଣୀୟ ସୁନା ସାଜସଜ୍ଜାର ସମନ୍ୱୟ ଚୌଧୁରୀ ବଜାରର ଦୁର୍ଗାପୂଜାକୁ କଟକର ପ୍ରମୁଖ ପୂଜା ମଣ୍ଡପଗୁଡ଼ିକ ମଧ୍ୟରେ ଅନ୍ୟତମ କରିଛି।

### ଶ୍ରମିକଙ୍କ ଉପରେ...

ଦୁଃଖ ପ୍ରକାଶ କରିଛନ୍ତି। ମିଡିଆ ରିପୋର୍ଟ ଅନୁସାରେ କାର୍ ଚାଳକ ଥିଲେ ରେଧରାନାର ପରଗଟ ସିଂହ। ମୃତକମାନଙ୍କ ମଧ୍ୟରେ କର୍ମଜୀତ କୌର, ଜୀବନ ସିଂହ, ନିକ୍କୀ, ସରବଜୀତ କୌର, ରଜିତ କୌର, କର୍ମଜୀତ, ରାନୀ କୌର ଏବଂ ଦେଶ ରାଜ ସାମିଲ ଥିଲେ।

### ଫ୍ରାନ୍ସରେ ହିଂସାର ତାଣ୍ଡବ...

ଉତ୍ତେଜନାମୂଳକ ସ୍ଥିତି। ବିକ୍ଷୋଭକାରୀ ଟାର୍ଗେଟରେ ଥିଲା ଦାମୀ ବ୍ରାଣ୍ଡେଡ୍ ଷ୍ଟୋର। ମାର୍ସେଇରେ ରୋଲେକ୍ସ ଓ ଲୁଇ ଭିଟନ୍ ଷ୍ଟୋରରେ ଲୁଟ୍ ହୋଇଛି। ହର୍ମେସ୍ ସମେତ ଅନ୍ୟ ଫ୍ୟାଶନ୍, ଗହଣା ଓ ପୋଷାକ ଦୋକାନକୁ ଟାର୍ଗେଟ୍ କରାଯାଇଛି। ଲିଲରେ ଆପଲ୍ ଷ୍ଟୋରରେ ଲୁଟ୍ ହୋଇଥିବା ବେଳେ ନିସରେ କ୍ରୀଡ଼ା ପୋଷାକ ଦୋକାନ ଓ ଏକ ମୋଟରସାଇକେଲ୍ ସୋ ରୁମ୍‌କୁ ଛାଡ଼ିନାହାନ୍ତି ଆନ୍ଦୋଳନକାରୀ। ବିକ୍ଷୋଭ ଆଳରେ ଲୁଟ୍, ଭଙ୍ଗାରୁଜା ଓ ଅଗ୍ନିକାଣ୍ଡ ଘଟାଇଛନ୍ତି। କେଉଁଠି ଦୋକାନର କାଚ ଭାଙ୍ଗି ଲୁଟ୍, ତ ଆଉ କେଉଁଠି ରାସ୍ତାରେ ନିଆଁ। ପ୍ୟାରିସ୍‌ର ଶାତେଲେ ଅଞ୍ଚଳରେ ପ୍ରତିବାଦ ପରେ ରାସ୍ତାରେ ବିଛାଡ଼ି ହୋଇପଡିଛି ଅଳିଆ ଆବର୍ଜନା। ଲିମୋଜ ସହରର ଟାଉନ୍ ହଲରେ ଲାଗିଥିବା ନିଆଁ ଯୋଗୁଁ କୋଠାର ଛାତର ଏକ ଅଂଶ ଭୁଶୁଡ଼ି ପଡ଼ିଥିବା ରିପୋର୍ଟ ଆସିଛି। ପୋଲିସ ଓ ବିକ୍ଷୋଭକାରୀଙ୍କ ମଧ୍ୟରେ ସଂଘର୍ଷ ହୋଇଥିବା ବେଳେ ପୋଲିସକୁ ଲୁହବୁହା ଗ୍ୟାସ୍ ପ୍ରୟୋଗ କରିବାକୁ ପଡ଼ିଛି। ଏଥିରେ ୧୫୦ରୁ ଅଧିକ ପୋଲିସ କର୍ମୀ ଆହତ ନେଇ ହୋଇଥିବା ସୂଚନା ମିଳିଛି। ପ୍ରାୟ ୫ ଲକ୍ଷରୁ ଊର୍ଦ୍ଧ୍ୱ ଆନ୍ଦୋଳନକାରୀ ପ୍ୟାରିସ୍ ରାସ୍ତାକୁ ଚାଲିଆସିଥିବା କୁହାଯାଉଛି। ହିଂସାରେ ସାମିଲ ଥିବା ୧୨ ଶହ ଆନ୍ଦୋଳକାରୀଙ୍କୁ ଗିରଫ କରାଯାଇଛି।

### କୋଲକାତା ଦଳାଚକଟା...

ଆମ୍ବୁଲାନ୍ସ ଆଦିର ବ୍ୟବସ୍ଥାର ସମୀକ୍ଷା କରିଛନ୍ତି ଡିଜିପି। ସମସ୍ତ ମଣ୍ଡପ ଓ ଏହାର ଚତୁଃପାର୍ଶ୍ୱକୁ ସିସିଟିଭି ସର୍ଭେଲାନ୍ସ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି।

### ନୂତନ ରାଜ୍ୟପାଳ...

ସଭାର ବାଚସ୍ପତି ସୁରମା ପାଢ଼ୀ, ଉପବାଚସ୍ପତି ଭବାନୀଶଙ୍କର ଭୋଇ ଓ ବିଜେପି ରାଜ୍ୟ ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲ ବି ଏଥିରେ ଯୋଗ ଦେଇଥିଲେ। ଶପଥ ଗ୍ରହଣ ପୂର୍ବରୁ ଓ ପରେ ନୂଆ ରାଜ୍ୟପାଳଙ୍କୁ ସଶସ୍ତ୍ର ବାହିନୀ ପକ୍ଷରୁ ଗାର୍ଡ ଅଫ୍ ଅନର୍ ପ୍ରଦାନ କରାଯାଇଛି।

### ବାଲିଯାତ୍ରା ପଡ଼ିଆରେ...

କ୍ୟାଣ୍ଟନମେଣ୍ଟ ଥାନା ଆଇଆଇସି ମଧ୍ୟ ଘଟଣାସ୍ଥଳରେ ତଦନ୍ତ କରିଛନ୍ତି।

## ଓଡ଼ିଶା ଅବସରପ୍ରାପ୍ତ ପୋଲିସ ପଦାଧିକାରୀ କଲ୍ୟାଣ ସମିତିର 'ନୂଆଁ ଖାଇ' ଭେଟ୍-ଘାଟ୍ ଓ ବରିଷ୍ଠ ନାଗରିକ ସଭା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଓଡ଼ିଶା ଅବସରପ୍ରାପ୍ତ ପୋଲିସ ପଦାଧିକାରୀ କଲ୍ୟାଣ ସମିତିର ସଭାପତି ସୂର୍ଯ୍ୟମଣି ତ୍ରିପାଠୀଙ୍କ ସଭାପତିତ୍ୱରେ 'ନୂଆଁ ଖାଇ ଭେଟ୍ ଘାଟ' ଓ ବରିଷ୍ଠ ନାଗରିକ ସଭା ୟୁନିଟ୍-୧ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ଅଶୋକ ଦେଓଙ୍କ ଜଗନ୍ନାଥ ଜଣାଣ ଗାନ ପରେ ସବୁ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ସଭାପତି ତ୍ରିପାଠୀ ଅତିଥି ଓ ସଭ୍ୟମାନଙ୍କୁ ନୂଆଁ ଖାଇ ଭେଟ୍ ଘାଟର ଅଭିନନ୍ଦନ ଜଣାଇଥିଲେ। ସାଧାରଣ ସମ୍ପାଦକ ବିଜୟକୃଷ୍ଣ ମହାନ୍ତିଙ୍କ ପ୍ରସ୍ତାବ କ୍ରମେ ଦିବଙ୍ଗତ ସଭ୍ୟ ମାନଙ୍କପାଇଁ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ସଙ୍ଗଠନ ସମ୍ପାଦକ ନୀଳମୋହନ ତ୍ରିପାଠୀ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଚଳିତ ମାସରେ ସଭ୍ୟ ଓ ସଭ୍ୟା ମାନଙ୍କର ଜନ୍ମଦିନ ଓ ବିବାହ ବାର୍ଷିକୀ ପାଳନ ପାଇଁ ସେମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଭୁବନେଶ୍ୱରର ନୂଆ ଡିସିପି ବିବେକ ଏମ୍ ମହୋଦୟଙ୍କୁ ସମିତି ତରଫରୁ ହାର୍ଦ୍ଦିକ ଅଭିନନ୍ଦନ କରାଯାଇଥିଲା। କିନ୍ତୁ ଜରୁରୀ କାଳୀନ କାର୍ଯ୍ୟରେ ବ୍ୟସ୍ତ ହେତୁ ଆସି ନପାରି ସେ ସଭାର ସଫଳତା କାମନା କରିଥିଲେ। ରାଜ୍ୟ ବରିଷ୍ଠ ନାଗରିକ ସଂଘର ସଭାପତି ପ୍ରସନ୍ନ କୁମାର ଦାସ, ଓଡ଼ିଶା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଙ୍ଘର କାର୍ଯ୍ୟକାରୀ ସଭାପତି ନିରଞ୍ଜନ ପଣ୍ଡା, 'ବୋଉ ଫାଉଣ୍ଡେସନ'ର ପ୍ରତିଷ୍ଠାତା ଅତିସ୍ ମହାନ୍ତି ଓ ସହ ପ୍ରତିଷ୍ଠାତା ସସ୍ମିତା ଦାସ, ନିଖିଳ ଓଡ଼ିଶା ରାଜ୍ୟ ବରିଷ୍ଠ ନାଗରିକ ମହାସଂଘର ମହା ସଚିବ ଜୁଗଳ କିଶୋର ସାହୁ, କଟକ ଅବସରପ୍ରାପ୍ତ ପୋଲିସ ପଦାଧିକାରୀ କଲ୍ୟାଣ ସମିତିର ସଭାପତି ଭକ୍ତ ବଲ୍ଲଭ ଦାସ, ଓ୍ୱାଲେଟ୍ ଫର୍ ଓ୍ୱଲ୍-ଥର ନିର୍ଦ୍ଦେଶକ ତ୍ରିନାଥ ଲେଙ୍କା, ରାଜ୍ୟ ଅବସରପ୍ରାପ୍ତ ପୋଲିସ ହାଉସିଂ ନିଗମର ସାଧାରଣ ସମ୍ପାଦକ ସତ୍ୟ ପଟ୍ଟନାୟକ ଅତିଥିମାନେ ତାଙ୍କ ଅଭିଭାଷଣରେ ନୂଆଁ ଖାଇ ପର୍ବ ଭାଇଚାରାର ପ୍ରତୀକ ଏବଂ ବରିଷ୍ଠ ନାଗରିକ ମାନେ ନିଜକୁ ହେୟ ମନେ ନକରି ଆତ୍ମବିଶ୍ୱାସର ସାମାଜିକ କାର୍ଯ୍ୟକ୍ରମରେ ଲିପ୍ତ ରହିବାକୁ ପରାମର୍ଶ ଦେଇଥିଲେ। ଗତ ବରିଷ୍ଠ ନାଗରିକ ଦିବସରେ ବୋଉ ଫାଉଣ୍ଡେସନ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ ହୋଇ ଥିବା ୧୨ ଜଣ ସଭ୍ୟ ସଭ୍ୟା ବାମନ ଚରଣ ପଣ୍ଡା, ମନୋରମା ପଣ୍ଡା, ସୁଖେନ୍ଦୁ ଦାସ, ରୁଦ୍ର ଚରଣ ସାମଲ, ତରୁଲତା ସାମଲ ଯତୀନ୍ଦ୍ର ନାଥ ପଣ୍ଡା, ଦୋଳଗୋବିନ୍ଦ ପରିଡ଼ା, ବିମଳ ପ୍ରସାଦ ମହାନ୍ତି, କବିତା ମହାନ୍ତି, ସ୍ୱର୍ଣ୍ଣଲତା ପ୍ରଧାନ, ଦେବେନ୍ଦ୍ରନାଥ ସତପଥୀ ଏବଂ ଦ୍ୱୈଦତ୍ତ ବିଶ୍ୱ ଜୀବନ ମିଶ୍ରଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଥିଲା। ବୋଉ ଫାଉଣ୍ଡେସନର ପ୍ରତିଷ୍ଠାତା ଅତିସ୍ ମହାନ୍ତିଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଜୁଗଳ ଦାସଙ୍କୁ ସାଂସ୍କୃତିକ କାର୍ଯ୍ୟକ୍ରମର ସବୁକ୍ଷେତ୍ରରେ ସଫଳତା ପାଇଁ ବୋଉ ଫାଉଣ୍ଡେସନ ସମ୍ବର୍ଦ୍ଧିତ କରିଥିଲା। ଏହି କାର୍ଯ୍ୟକ୍ରମକୁ ଉପସଭାପତି ସୁରେନ୍ଦ୍ର ସାହୁ ଓ ଦେବେନ୍ଦ୍ର ସତପଥୀ, କ୍ରୀଡ଼ା ସଂପାଦକ ସର୍ବେଶ ସାମଲ, ସଂଗଠନ ସମ୍ପାଦକ ହରିଶ୍ ଚନ୍ଦ୍ର ସେଠ୍, କଲ୍ୟାଣ ସମ୍ପାଦକ ବିମଳ ମହାନ୍ତି, ବରିଷ୍ଠ ସଭ୍ୟ ରବୀନ୍ଦ୍ର କୁମାର ମହାପାତ୍ର, ଗୁରୁ ଚରଣ ମହାନ୍ତି, ଯୁଧିଷ୍ଠିର ମଲ୍ଲିକ, ଦେବପ୍ରସାଦ ମଜୁମଦାର, ପ୍ରମିଳା ନାୟକ, ତପସ୍ୱୀନୀ ଆରୁଖ୍, ପି. କିଶୋର କୁମାର ସୁବୁଦ୍ଧି ଆଦି ପରିଚାଳନାରେ ସାହାଯ୍ୟ କରିଥିଲେ ବୋଲି ସଙ୍ଗଠନ ସମ୍ପାଦକ ନୀଳମୋହନ ତ୍ରିପାଠୀ ଜଣାଇଛନ୍ତି।



ଭୁବନେଶ୍ୱର, ୧୯ ଅକ୍ଟୋବର, ସୋମବାର, ୨୦୨୬

RNI Regd. No. : 52640/94
Postal Regd. No. :
BN/60/25-27

# ଅନ୍ୟ ରାଜ୍ୟରେ ଜାତିଗତ ପରିଚୟ ଆଧାରରେ ମିଳିବନି ସ୍ୱତଃ ସଂରକ୍ଷଣ ସୁବିଧା: ହାଇକୋର୍ଟ

**କଟକ, ୧୮/୧୦ ନ୍ୟୁଜ ବ୍ୟୁରୋ**

ଜଣେ ବ୍ୟକ୍ତି ନିଜ ରାଜ୍ୟରେ ଅନୁସୂଚିତ ଜାତି (ଏସ୍‌ସି) କିମ୍ବା ଅନୁସୂଚିତ ଜନଜାତି (ଏସ୍‌ଟି) ଭାବେ ସ୍ୱୀକୃତି ପାଇଥିଲେ ମଧ୍ୟ ଅନ୍ୟ ରାଜ୍ୟରେ ସମାନ ଜାତିଗତ ମାନ୍ୟତା ଓ ଏହା ସହ ଜଡ଼ିତ ସୁବିଧା ପାଇବାକୁ ସ୍ୱତଃ ହକ୍‌ଦାର ହୋଇପାରିବେ ନାହିଁ। ସମ୍ପୃକ୍ତ ରାଜ୍ୟର ଅନୁସୂଚିତ ଜାତି ଓ ଜନଜାତି ତାଲିକା ଭିନ୍ନ ହୋଇଥିବାରୁ ଅନ୍ୟ ରାଜ୍ୟର ଜାତିଗତ ପରିଚୟ ଆଧାରରେ ସେଠାରେ ସମାନ ସାମ୍ବିଧାନିକ ସୁବିଧା ଦାବି କରାଯାଇପାରିବ ନାହିଁ ବୋଲି ଓଡ଼ିଶା ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ଜଷ୍ଟିସ୍ ଶଶିକାନ୍ତ ମିଶ୍ରଙ୍କ ଖଣ୍ଡପୀଠ ବିନୟ କୁମାର ଦାସଙ୍କ ଆବେଦନର ଶୁଣାଣି କରି ଏହି ମତ ଦେଇଛନ୍ତି। ଏଥିସହ ମୟୂରଭଞ୍ଜ ଜିଲ୍ଲା ପଞ୍ଜୀକରଣ କର୍ତ୍ତୃପକ୍ଷ ତଥା ଅତିରିକ୍ତ ଜିଲ୍ଲାପାଳ (ଏଡିଏମ୍)ଙ୍କ ୨୦୨୬ ଏପ୍ରିଲ ୨୩ ତାରିଖର ଚିଠିକୁ ଖାରଜ କରିବା ସହ ଆବେଦନକାରୀଙ୍କ ଜମି ବିକ୍ରି ଦଲିଲକୁ ତିନି ଦିନ ମଧ୍ୟରେ ପଞ୍ଜୀକରଣ କରିବାକୁ କୁଳିଅଣାର ସବ୍-ରେଜିଷ୍ଟ୍ରାର ତଥା ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ଆବେଦନକାରୀ ଝାଡ଼ଖଣ୍ଡର ମୂଳ ବାସିନ୍ଦା। ସେଠାରେ ତାଙ୍କର 'ଭୂଇୟା' ଜାତିକୁ ଅନୁସୂଚିତ ଜାତି ଭାବେ ସ୍ୱୀକୃତି ମିଳିଛି। ମୟୂରଭଞ୍ଜ ଜିଲ୍ଲାର କୁଳିଅଣା ତହସିଲ ଅଞ୍ଚଳରେ ଥିବା ନିଜ ଜମିକୁ ସେ ଜଣେ ଅନୁସୂଚିତ ଜାତିର ବ୍ୟକ୍ତିଙ୍କୁ ବିକ୍ରି କରିବା ପାଇଁ ସବ୍-ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ଦଲିଲ ଦାଖଲ କରିଥିଲେ।ତେବେ କୁଳିଅଣା ତହସିଲଦାର ତଥା ସବ୍-ରେଜିଷ୍ଟ୍ରାର ଏହାକୁ ପଞ୍ଜୀକରଣ କରିବାକୁ ମନା କରିଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୧୮/୧୦/୨୦୨୬
୪,୨୨,୧୬୯/-ଟଙ୍କା।
ସୁନା:- ୦୭ଗ୍ରାମ୍ ୫୦୦ ମିଲିଗ୍ରାମ୍
ରୂପା:- ୧୦ ଗ୍ରାମ୍ ୭୦୦ ମିଲିଗ୍ରାମ୍







## ବାଲେଶ୍ୱରୀ ଜଉ କଣ୍ଢେଇ ବାହାଘର

# ପୂଜା ମଣ୍ଡପରେ ବେହୁଲା-ଲକ୍ଷ୍ମିନ୍ଦରଙ୍କର ବିବାହ ଦେଉଛନ୍ତି ଓଡ଼ିଶାର ଶିଳ୍ପୀମାନେ



**ହିନ୍ଦୋଳ ଭଟ୍ଟାଚାର୍ଯ୍ୟ**

ଦୁର୍ଗାପୂଜା ମଣ୍ଡପରେ ଚାଲିଛି ବାହାଘର ଅନୁଷ୍ଠାନ। ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ମଣ୍ଡପ ସାମ୍ନାରେ ଆସି ପହଞ୍ଚିଲେ ବରଯାତ୍ରୀମାନେ, ତା'ପରେ ନିୟମ ମାନି ବାହାଘର। ତେବେ, ଏହି ବାହାଘର ଆସରରେ ବର-କନ୍ୟା ସାଜରେ ରହିଛନ୍ତି ବେହୁଲା ଓ ଲକ୍ଷ୍ମିନ୍ଦର। ଏଇପରି ଏକ ବ୍ୟତିକ୍ରମି ଆୟୋଜନ କରିଛନ୍ତି ବଡିଶା ଶକ୍ତି ସଂଘ। ପୂଜାର ୨୫ ତମ ବର୍ଷରେ ସେମାନଙ୍କର ଥିମ୍, "ବାହାଘର"। ଆଉ ସେଇ ବାହାଘରର ଅନ୍ୟତମ ଆକର୍ଷଣ ଓଡ଼ିଶାର ଲୋକଶିଳ୍ପ "ଜୌ କାନ୍ଧେଇ"।

ଓଡ଼ିଶାର ବାଲେଶ୍ୱରରୁ ଆସିଥିବା ୩୦ ଜଣ ଶିଳ୍ପୀଙ୍କର ଗୋଟିଏ ଦଳ ପ୍ରତିଦିନ ଏହାକୁ ପରିବେଷଣ କରୁଛନ୍ତି। 'ଜଉର କଣ୍ଢେଇ'ର ବାହାଘରକୁ କେନ୍ଦ୍ରକରି ଗଢା ହେଇଥିବା ଏଇ ଶିଳ୍ପରୀତି ଆଦତରେ ଗୋଟିଏ ଲୋକାଚାର। ଓଡ଼ିଶାର ସାବିତ୍ରୀ ବ୍ରତ ସମୟରେ ଏଇ ପରିବେଷଣର ପ୍ରଚଳନ ରହିଛି। ପୌରାଣିକ କାହାଣୀରୁ ଲୋକକଥା-ବିଭିନ୍ନ ଆଖ୍ୟାନ ଫୁଟି ଉଠେ ଏହି ଶିଳ୍ପ ମାଧ୍ୟମରେ। ବଡିଶା ଶକ୍ତି ସଂଘର ମଣ୍ଡପରେ ସେଇ ରୀତି ସାଙ୍ଗରେ ମିଳିମିଶି ରହିଛି ବଙ୍ଗଳାର ମନସାମଙ୍ଗଳ କାବ୍ୟର ପରିଚିତ ଆଖ୍ୟାନ ବେହୁଲା-ଲକ୍ଷ୍ମିନ୍ଦରଙ୍କ ବାହାଘର।

କ୍ଲବର ସାଧାରଣ ସମ୍ପାଦକ ତରୁଣ କୁମାର ମୁଖୋପାଧ୍ୟାୟ କହିଲେ, "ଆମେ ଓଡ଼ିଶାର ଏହି ପରିବେଷଣ ଦେଖିଥିଲୁ। ତା'ପରେ ମନେ ହେଇଥିଲା, ପୂଜାରେ ଏଇପରି କିଛି କରାଯାଇପାରେ। ସେଇ ଭାବନାରୁ ଏହି ଆୟୋଜନ।" ସେ କହନ୍ତି, ପ୍ରତିଦିନ ବର୍ଣ୍ଣାଢ୍ୟ ଶୋଭାଯାତ୍ରା କରି ବରଯାତ୍ରୀମାନେ ମଣ୍ଡପ ସାମ୍ନାରେ ଆସି ପହଞ୍ଚୁଛନ୍ତି। ତା'ପରେ ଆରମ୍ଭ ହେଉଛି ବାହାଘର ଅନୁଷ୍ଠାନ। ପୂରା ଆୟୋଜନ ହିଁ ତିଆରି ହୁଏ ବାହାଘରର ଆବହ। ବାଜୁଛି ଶଙ୍ଖ, ଢୋଲ। ଏହି ବାହାଘର ଆସର କେବଳ ଥିମ୍‌ର ଉପସ୍ଥାପନା ନୁହେଁ, ଏହା ସହ ଜଡାଇ ରହିଛି ଦୁଇ ରାଜ୍ୟର ଲୋକ ସଂସ୍କୃତିର ମେଳ ବନ୍ଧନ।

ମଣ୍ଡପ ମଧ୍ୟ ସାଜି ଉଠିଛି ମନ୍ଦିରର ସାଦୃଶ୍ୟରେ। ପ୍ରତିମାଙ୍କର ଢାଞ୍ଚା ମଧ୍ୟ ଜଉରେ ତିଆରି ପରି, ତା'ର ସାମ୍ନାରେ ଶ୍ରୀ ଶ୍ରୀ ଜଗନ୍ନାଥଦେବଙ୍କୁ ସାକ୍ଷୀ ରଖି ବାହାଘର ହେଉଛି ବେହୁଲା ଓ ଲକ୍ଷ୍ମିନ୍ଦରଙ୍କର। କ୍ଲବର ଦାବି, ମଣ୍ଡପ ସାଙ୍ଗରେ ଯୁକ୍ତ କାରିଗର, ଶିଳ୍ପୀ ସମସ୍ତଙ୍କର ସାଧାରଣ ବିମା କରାଇ କରି ରଖିଛନ୍ତି ସେମାନେ। ଯାହା ସଚରାଚର ଆଡେଇ ଦିଅନ୍ତି ପୂଜା ସଂଗଠନ ଗୁଡିକ। ଲୋକଶିଳ୍ପୀ ଦଳର ନେତୃତ୍ୱରେ ରହିଛନ୍ତି ଓଡ଼ିଶାର ଶିଳ୍ପୀ କେଶୁ ଦାସ।

ତାଙ୍କ କଥା ଅନୁସାରେ, " ବଙ୍ଗଳା ଓ ଓଡ଼ିଶାର ସଂସ୍କୃତି ମିଳିମିଶି ଏକ ଅନନ୍ୟ ନଜିର ତିଆରି କରିଛି। ଏଇଠାରେ କାମ କରିବାକୁ ବହୁତ ଭଲ ଲାଗୁଛି। ଓଡ଼ିଶାର ଏଇ ଲୁପ୍ତପ୍ରାୟ ଶିଳ୍ପଟି ଯେମିତି ବଙ୍ଗଳାରେ ପ୍ରାଣ ଫେରି ପାଇଛି।"

ଭାଷାନ୍ତର-ସୁପ୍ରଭା ରାୟ
(ଆନନ୍ଦ ବଜାର ପତ୍ରିକା ସୌଜନ୍ୟରୁ )













## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କସୂତ୍ର : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com